Gram Vikas

ଗ୍ରାମ ବିକାଶ
# ସମାଚାର
ମଇ – ଜୁନ ୨୦୨୨

କେବଳ ଘରୋଇ ପ୍ରସାରଣ ନିମନ୍ତେ

ବର୍ଷ -୧୯ , ଇ-ସଂଖ୍ୟା - ୧

## ଆମର ସ୍ୱପ୍ନ (Our Vision)

ଏକ ସମତା ସଂପନ୍ନ ଓ ନିରନ୍ତର ପ୍ରଗତିଶୀଳ ସମାଜ, ଯେଉଁଠି ଜନସାଧାରଣ ମର୍ଯ୍ୟାଦାର ସହ ଶାନ୍ତିରେ ଜୀବନ ବିତାଉଥିବେ ।

## ଆମର ମହାଲକ୍ଷ୍ୟ (Our Mission)

ସତତ, ସମାଜସାପେକ୍ଷ ଓ ଲିଙ୍ଗଗତସମାନତା ସଂପନ୍ନ ପ୍ରକ୍ରିୟାଗୁଡ଼ିକର ପ୍ରସାର କରିବା, ଯାହା ଦରିଦ୍ର ଓ ନିଷ୍ପେସିତ ଗ୍ରାମବାସୀ ଓ ଗୋଷ୍ଠୀସମୁଦାୟଙ୍କୁ ଏକ ମର୍ଯ୍ୟାଦାବନ୍ତ ଜୀବନଯାପନ ମାନ ହାସଲ ଦିଗରେ ସେମାନଙ୍କ ନିଷ୍ପତିକାରୀ ସମୂହଙ୍କୁ ସମର୍ଥ କରୁଥିବେ ।

## ଆମ ବାବଦରେ ...

୧୯୭୯ ମସିହାରୁ ଗ୍ରାମୀଣ ଲୋକମାନଙ୍କ ସହିତ ମିଳିତଭାବେ ସମାଜରେ ସମାନତା ଆଣିବା ଦିଗରେ କାର୍ଯ୍ୟକରୁଛୁ । ଯେପରି ଲୋକମାନେ ସମ୍ମାନ ଓ ମର୍ଯ୍ୟାଦାଜନକ ଜୀବନ ଜିଇବା ପାଇଁ ସକ୍ଷମ ହୋଇପାରିବେ । ଜଳ, ପରିମଳ ଓ ସ୍ୱାସ୍ଥ୍ୟ, ଜୀବନ ଜୀବିକା, ଶିକ୍ଷା, ବାସତି ଓ ପ୍ରଯୁକ୍ତିବିଦ୍ୟା, ଗ୍ରାମ୍ୟ ଅନୁଷ୍ଠାନକୁ ମଜଭୁତ୍ କରିବା ତଥା ସହଭାଗୀ ଗ୍ରାମସମୁଦାୟର ଦକ୍ଷତା ବୃଦ୍ଧି କରାଇ ସ୍ୱବଲମ୍ବି କରାଇବା ଉପରେ କାର୍ଯ୍ୟ କରୁଛୁ । ଆମ କାର୍ଯ୍ୟଧାରାର ମୁଖ୍ୟ ପ୍ରାଣକେନ୍ଦ୍ରରେ ସମାନତା ଓ ମର୍ଯ୍ୟାଦାକୁ ପ୍ରାଧାନ୍ୟ ଦେଇଥାଉ ।



## ସମ୍ପାଦକୀୟ

### "ଗଛ ଅଛି ତ, ଜୀବନ ଅଛି"

ଜନସଂଖ୍ୟା ବୃଦ୍ଧି ଏବଂ ଆଧୁନିକୀକରଣର ପ୍ରଭାବ ସିଧାସଳଖ ଭାବେ ଆମର ଜଙ୍ଗଲ ଉପରେ ପଡୁଛି । ଏଥିପାଇଁ ଅଧିକ ସଂଖ୍ୟାରେ ଗଛ କାଟି ଜଙ୍ଗଲ ନଷ୍ଟ କରା ହେଉଛି । ବର୍ତ୍ତମାନ ଭାରତରେ ସମୁଦାୟ ଅଞ୍ଚଳର କେବଳ ୨୩% ଜଙ୍ଗଲ ହିଁ ରହିଛି । ଗଛ ସହିତ ଆମ ଜୀବନର ଗଭୀର ସମ୍ପର୍କ ଅଛି । ଗଛ ଠାରୁ ଆମକୁ ଅନେକ ଲାଭ ମିଳିଥାଏ । ଗଛ ଆମ ଶରୀର ପାଇଁ ମୂଲ୍ୟବାନ ପ୍ରାଣବାୟୁ(ଅମ୍ଳଜାନ), ଫଳ, ଫୁଲ, ଔଷଧ ଏବଂ ଜୀବନ ପାଇଁ ବହୁ ମୂଲ୍ୟବାନ ଆବଶ୍ୟକ ସାମଗ୍ରୀ ପ୍ରଦାନ କରିବା ସହିତ ମୃତ୍ତିକା ସଂରକ୍ଷଣ ଓ ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଆଗାମୀ ଦିନରେ ଏହି ବିପଦ ଟାଳିବା ପାଇଁ ତଥା ପରବର୍ତ୍ତୀ ପିଢୀଙ୍କ ଜୀବନ ସୁରକ୍ଷିତ ରଖିବା ପାଇଁ ପ୍ରତିବର୍ଷ ଅଧିକରୁ ଅଧିକ ଜଙ୍ଗଲ ବିଷୟରେ ସଚେତନତା ବୃଦ୍ଧି ଓ ବୃକ୍ଷ ରୋପଣ କରିବାକୁ ଆମେ ପ୍ରତିଶୃତିବଦ୍ଧ ହେବା ଉଚିତ୍ । ଯାହାଫଳରେ ଆମ ପରବର୍ତ୍ତୀ ପିଢୀର ଆଗାମୀ ଭବିଷ୍ୟତ ସୁନ୍ଦର ଓ ସୁରକ୍ଷିତ ହୋଇପାରିବ । କାରଣ ଗଛ ଅଛି ତ, ଜୀବନ ଅଛି ।

ଜଙ୍ଗଲ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟି କରିବା ପାଇଁ "ବନ ମହୋତ୍ସବ ସପ୍ତାହ" ଜୁଲାଇ୧ରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ସର୍ବ ଭାରତୀୟ ସ୍ତରରେ ପାଳନ କରାଯାଏ । ବୃକ୍ଷ ରୋପଣର ଏହି ପର୍ବ 'ବନ ମହୋତ୍ସବ', ପରିବେଶକୁ ସବୁଜ ସୁନ୍ଦର କରି ରଖିବା ପାଇଁ ଏକ ସୁନ୍ଦର ପଦକ୍ଷେପ । ସାଧାରଣତଃ ସ୍ଥାନୀୟ ଦେଶୀ ଗଛ ଏହି ପରିପ୍ରେକ୍ଷୀରେ ରୋପଣ ପାଇଁ ପ୍ରୋତ୍ସାହିତ କରାଯାଏ । କାରଣ ଏହି ଗଛଗୁଡିକ ସ୍ଥାନୀୟ ପରିସ୍ଥିତିରେ ସହଜରେ ବଢିବା ପାଇଁ ଅନୁକୂଳ ହୋଇଥାଏ ଓ ପରିବେଶିକ ବ୍ୟବସ୍ଥା (ଇକୋ-ସିଷ୍ଟମ୍) ସହିତ ଖାପ ଖୁଆଇ ଏକୀକୃତ ହୋଇଥାଏ ଏବଂ ଗଛ ଗୁଡିକର ବଞ୍ଚିବାର ହାର ଅଧିକ ଥାଏ । ଏତଦ୍ ବ୍ୟତୀତ, ଏପରି ବୃକ୍ଷଗୁଡ଼ିକ ସ୍ଥାନୀୟ ଅଞ୍ଚଳର ପକ୍ଷୀ, କୀଟ, ପତଙ୍ଗ, ପଶୁମାନଙ୍କୁ ଆଶ୍ରୟ ଦେବାରେ ସହାୟକ ହୋଇଥାଏ ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକମାନଙ୍କର ଜୀବନ ଜୀବିକାକୁ ସୁଦୃଢ କରିବାରେ ସହାୟକ ହୋଇଥାଏ । ଆମର ଅସ୍ତିତ୍ୱ ବୃକ୍ଷ ସହିତ ଜଡିତ, ତେଣୁ ଜଙ୍ଗଲକୁ ସୁରକ୍ଷା ଦେବା ଆମର ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେବା ଉଚିତ୍ । ଜଙ୍ଗଲର ମହତ୍ତ୍ୱକୁ ବୁଝି ଆମକୁ ଅଧିକରୁ ଅଧିକ ଗଛ ଲଗାଇବା ଉଚିତ୍ । ବନ ମହୋତ୍ସବ ସପ୍ତାହକୁ ପ୍ରୋତ୍ସାହିତ କରି ଲୋକମାନଙ୍କ ଭିତରେ ସଚେତନତା ଆଣିବା ଜରୁରୀ । ଆମ ପୃଥିବୀର ସୌନ୍ଦର୍ଯ୍ୟ କେବଳ ବୃକ୍ଷର ସବିଜିମା ହିଁ ବଢାଇଥାଏ । ଆସନ୍ତୁ ଗଛ ଲଗାଇବା ଆମ ପୃଥିବୀ ସହିତ ଆମର ଭବିଷ୍ୟତ ପିଢୀର ଜୀବନକୁ ସୁରକ୍ଷିତ କରାଇବାରେ ସହାୟକ ହେବା । ଆସନ୍ତୁ ହାତରେ ହାତ ମିଳାଇବା ଏବଂ ଆମର ପ୍ରକୃତିକ ପରିବେଶକୁ ସବୁଜ ସୁନ୍ଦର କରି ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ପରି ଏକ ଛୋଟିଆ ଅବଦାନ ସମାଜ ପାଇଁ କରି ପୃଥିବୀ ମାତାକୁ ବଞ୍ଚାଇବା ।

**- ସନ୍ତୋଷ ରାଉତ**

## ଗ୍ରାମ ବିକାଶଙ୍କୁ ମିଳିଲା ଆର୍ଥ କେୟାର ଜାତୀୟ ପୁରସ୍କାର ୨୦୨୨




ଗ୍ରାମ ବିକାଶ ନିଜର କାର୍ଯ୍ୟକ୍ଷେତ୍ର ଅନ୍ତର୍ଭୁକ୍ତ ଗ୍ରାମୀଣ ଅଞ୍ଚଳରେ ଗୋଷ୍ଠୀ ଭିତ୍ତିକ ଜଳବାୟୁ ଆଧାରିତ କାର୍ଯ୍ୟ ପାଇଁ ଦଶମ ଆର୍ଥ କେୟାର ଜାତୀୟ ପୁରସ୍କାର ଲାଭ କରିଛି । ବ୍ୟକ୍ତିବିଶେଷ, ଗୋଷ୍ଠୀ ସମୁଦାୟ ଏବଂ ସଂଗଠନର ଆଦର୍ଶ ଜଳବାୟୁ ପରିଚାଳନାକୁ ସ୍ୱୀକୃତି ଦେଇ ଜେଏସଡବ୍ଲୁ (JSW) ଏବଂ ଟାଇମ୍ସ ଅଫ୍ ଇଣ୍ଡିଆର ମିଳିତ ପଦକ୍ଷେପରେ ଚଳିତ ୨୦୨୨ବର୍ଷ ପାଇଁ ଦଶମ ଆର୍ଥ କେୟାର ଜାତୀୟ ପୁରସ୍କାର ଗ୍ରାମବିକାଶକୁ ପ୍ରଦାନ କରାଯାଇଛି । କଳାହାଣ୍ଡି ଜିଲ୍ଲା ଚିରିକେଲଗୁଡା ଗ୍ରାମର ସୁରେଖା ମାଝୀ ଏବଂ ଗ୍ରାମବିକାଶର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲିବି ଟି ଜନସନ୍ ମହାରାଷ୍ଟ୍ର ସରକାରଙ୍କ ପର୍ଯ୍ୟଟନ ଏବଂ ପରିବେଶ ବିଭାଗ ମନ୍ତ୍ରୀ ଆଦିତ୍ୟ ଠାକରେଙ୍କଠାରୁ ୩ ଜୁନ୍ ୨୦୨୨ରେ ଏନସିପିଏ ମୁମ୍ବାଇ ଠାରେ ଆୟୋଜିତ ଏକ ସମାରୋହରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।

ଅବଶିଷ୍ଟାଂଶ - ପୃଷ୍ଠା ୩ ରେ

କଳାହାଣ୍ଡି ଜିଲ୍ଲାରେ ଗ୍ରାମ ବିକାଶର ଗୋଷ୍ଠୀ ଭିତ୍ତିକ ସାମାଜିକ ଏବଂ କୃଷି ବନୀକରଣ (ଏଗ୍ରୋଫରେଷ୍ଟ୍ରି)ର ସୁରକ୍ଷା, ଜଳ ସମ୍ପଦର ସୁରକ୍ଷା ତଥା ପୁନଃ ନବୀକରଣ ଆଦି ପଦକ୍ଷେପକୁ ଏହି ପୁରସ୍କାର ମାନ୍ୟତା ଦେଇଛି । ବିଗତ ତିନିବର୍ଷ ଧରି ଇଣ୍ଟରଗ୍ଲୋବ ଫାଉଣ୍ଡେସନ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଉପରରେ ନିର୍ଭରଶୀଳ ଗୋଷ୍ଠୀ ସମୁଦାୟକୁ ନିଜ ଅଞ୍ଚଳରେ ବନ ସମ୍ପଦର ପାପ୍ତି ଦିଗରେ ଉତ୍ପାଦନକାରୀ ଜଙ୍ଗଲ ସୃଷ୍ଟି, ମାଲିକାନା ଏବଂ ପରିଚାଳନା ପାଇଁ ସକ୍ଷମ କରାଇଛି । ଦକ୍ଷତା ବିକାଶ, ସମୁଦାୟର ଅନୁଷ୍ଠାନିକ ବିକାଶ ଏବଂ ବୈଷୟିକ ସହାୟତା ମାଧମରେ ଗ୍ରାମ ବିକାଶ, ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନ ଗୁଡିକର ମୁକାବିଲା ପାଇଁ ଗୋଷ୍ଠୀ ସମୁଦାୟର ସ୍ଥିରତାକୁ ଦୃଢ କରିବାରେ ସହଯୋଗୀ ହୋଇଛି । ଦଶଟି ଆଦିବାସୀ ସମୁଦାୟ ଗାଁର ୫୪୦ ଏକର ସର୍ବସାଧାରଣ ତଥା ବ୍ୟକ୍ତିଗତ ଜମିରେ ଉତ୍ପାଦନକାରୀ ଫଳ, ଗାଇଗୋରୁଙ୍କ ଖାଦ୍ୟ ଉପଯୋଗୀ ଏବଂ ଜାଳେଣୀ ପ୍ରଜାତିର ଜଙ୍ଗଲ ସୃଷ୍ଟି କରିଛନ୍ତି । ଜଙ୍ଗଲ ବୃଦ୍ଧି ଜଳ ଉତ୍ସର ସ୍ଥିରତାକୁ ସୁନିଶ୍ଚିତ କରେ, ପାନୀୟ ଏବଂ ଘରୋଇ ବ୍ୟବହାର ପାଇଁ ଜଳ ଉପଲବ୍ଧତାକୁ ଉନ୍ନତ କରେ, ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ ଏବଂ ଉର୍ବରତାକୁ ବୃଦ୍ଧି କରିଥାଏ ଏବଂ ପ୍ରାକୃତିକ ସମ୍ପଦ ଭିତ୍ତିକ ଜୀବିକାର ବିବିଧତାକୁ ସକ୍ଷମ କରିଥାଏ ।




ବିଗତ ତିନିବର୍ଷ ମଧରେ ଏହି ପ୍ରକଳ୍ପରେ ୧,୩୭,୦୦୦ ବୃକ୍ଷରୋପଣ କରି ସାମାଜିକ ବନୀକରଣ, ୧୩,୦୦୦ କୃଷି ଭିତ୍ତିକ ବନୀକରଣ ଏବଂ ୫୪୦ ଏକର ପାହାଡିଆ ଜମିରେ ଜଳ ଏବଂ ଝରଣା ବିଭାଜିକା କରାଯାଇଛି । କାର୍ଯ୍ୟ ଅନ୍ତର୍ଭୁକ୍ତ ଅଞ୍ଚଳରେ ଜଳ ଉତ୍ସର ପ୍ରବାହ ସ୍ରୋତରେ ୧୫% ବୃଦ୍ଧି ଘଟିଛି । ୧୦୫ ଏକର ଜମିରେ ମାଟିର ଆର୍ଦ୍ରତାରେ ଉନ୍ନତି ଆସିଛି, ଜଳସେଚନ ପାଇଁ କିରୋସିନି ପମ୍ପର ବ୍ୟବହାରକୁ ହ୍ରାସ କରିଛି । ବୃକ୍ଷରୋପଣ ଦ୍ୱାରା ୧୩୦,୦୦୦ ଟନ୍ କାର୍ବନ ସିକ୍ୱେଷ୍ଟେସନ୍ ସମ୍ଭାବନା ସୃଷ୍ଟି କରିଛି, ୧୦୦ ଏକର ପରିମିତିରେ ସବୁଜ ଆବରଣ ବୃଦ୍ଧି କରିଛି ଏବଂ ଦ୍ୱିତୀୟ ଫସଲ ପାଇଁ ୧୪୫ ଏକର ଜମିରେ ଜଳ ଉପଲବ୍ଧତାରେ ସୁଧାର ଆଣିଛି ।
ବିଶ୍ୱର ପରିବେଶରେ ସନ୍ତୁଳନ ରହିଲେ ହିଁ ଏ ପୃଥିବୀରେ ଜୀବଜଗତ ତିଷ୍ଠିରହିପାରିବ ।

**ବିବରଣୀ: ସନ୍ତୋଷ ରାଉତ     ଫଟୋ: ଜେଏସଡବ୍ଲୁ(JSW) ଏବଂ ଟାଇମ୍ସ ଅଫ ଇଣ୍ଡିଆ**

# ମହେନ୍ଦ୍ରତନୟା କେନାଲ ପୁନଃଉଦ୍ଘାଟନ ଓ ଲୋକାର୍ପଣ କାର୍ଯ୍ୟକ୍ରମ



୨୦୦୨ ମସିହାରେ ମହେନ୍ଦ୍ରତନୟା କେନାଲ ନିର୍ମାଣ କରାଯାଇଥିଲା । ଏଥିରେ ଲାଞ୍ଜିଆ ସଉରା ଜନଜାତି ସମ୍ପ୍ରଦାୟର ପାରମ୍ପାରିକ ପଥର ନିର୍ମାଣ କୌଶଳ ବ୍ୟବହୃତ ହୋଇଥିଲା । ୨୦୦୫ମସିହାରେ ସମ୍ପୂର୍ଣ୍ଣଭାବେ କେନାଲ କାର୍ଯ୍ୟ ସମାପ୍ତ ହେବା ପରେ ଭଲ ପରିମାଣର ଜଳ କେନାଲରେ ପ୍ରବାହିତ ହେଲା ଏବଂ ଚାଷୀମାନେ ବହୁତ ଭଲ ଚାଷ କରିପାରୁଥିଲେ । ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ କରଡାସିଂ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୭ଟି ଗାଁର ଚାଷୀମାନେ ଏହି କେନାଲରୁ ବର୍ଷସାରା ଚାଷଜମିକୁ ଜଳସେଚନ କରି ଦୁଇରୁ ତିନୋଟି ଫସଲ ଉତ୍ପାଦନ କରୁଥିଲେ । ୨୦୧୮ ମସିହା ଅକ୍ଟୋବର ମାସରେ ହୋଇଥିବା ତିତିଲି ବାତ୍ୟାରେ ଭୁସ୍ଖଳନ କାରଣରୁ କେନାଲ ନଷ୍ଟ ହୋଇଥିଲା । ଫଳରେ ଜଳସେଚନ ପାଇଁ ଜଳର ଘୋର ଅଭାବ ଦେଖାଦେଇଥିଲା । ଜଳସେଚନର ସମସ୍ୟା ଫଳରେ ଚାଷୀମାନଙ୍କର ଜୀବିକା ଉପରେ ଘୋର ପ୍ରଭାବ ପଡିଥିଲା । କ୍ଷତିଗ୍ରସ୍ତ ହୋଇଥିବା କେନାଲକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ମହେନ୍ଦ୍ରତନୟା କେନାଲ କମିଟି ଗ୍ରାମବାସୀମାନଙ୍କ ନେତୃତ୍ୱ ନେଇଥିଲା । ମାର୍ଚ୍ଚ ୨୦୨୧ରେ ଗୋଦ୍ରେଜ୍ ଏବଂ ବଏସ୍ ଲିଃ. ସହଯୋଗରେ ଗ୍ରାମବିକାଶ କେନାଲକୁ ପୁନରୁଦ୍ଧାର କରିବାରେ କମିଟିକୁ ଆଂଶିକ ଆର୍ଥିକ ସହାୟତା ଓ ବୈଷୟିକ ମାର୍ଗଦର୍ଶନ କରିଥିଲା । କେନାଲର ପୁନରୁଦ୍ଧାର କାର୍ଯ୍ୟ ଶେଷେହେବା ପରେ ତା ୦୩.୦୫.୨୦୨୨ ରିଖରେ ପୁନଃଉଦ୍ଘାଟନ ଓ ଲୋକାର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ୧୭ଟି ଗାଁର ୧୩୪୫ ଚାଷୀ ପରିବାର ଉପକୃତ ହେବେ ତଥା ୫୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ହୋଇପାରିବ । ଚାଷୀମାନେ ଉଭୟ ଖରିଫ ଓ ରବି ଫସଲ କରି ନିଜର ଜୀବିକାକୁ ସୁଦୃଢ କରିପାରିବେ । ଏହି କେନାଲର ପୁନଃଉଦ୍ଘାଟନ ଓ ଲୋକାର୍ପଣ ଉତ୍ସବରେ ରାୟଗଡ଼ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ବ୍ଲକ ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ସରପଞ୍ଚ ଉମାକାନ୍ତ ଭୂମଲ, ସମିତି ସଭ୍ୟା ରେଣୁବାଳା ରାଉତ ତଥା ମହେନ୍ଦ୍ରତନୟା କେନାଲ କମିଟିର ସଦସ୍ୟ/ ସଦସ୍ୟା ଓ କେନାଲ ଦ୍ୱାରା ଉପକୃତ ହେବାକୁଥିବା ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ । ଗୋଦ୍ରେଜ୍ କମ୍ପାନୀର ପ୍ରତିନିଧି ଅଶ୍ୱିନୀ ଦେଶମୁଖ, ପ୍ରଫୁଲ୍ଲ ମାରି, ହେମନ୍ତ କୁମାର ତଥା ଗ୍ରାମବିକାଶର ମ୍ୟାନେଜର ପ୍ରତାପଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଚାଳକ ଲକ୍ଷ୍ମୀନାରାୟଣ ପଣ୍ଡା, ସଂଯୋଜକ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ବିବରଣୀ: ନାରାୟଣ ସାହୁ, ଫଟୋ : ଜୟସେନ ଯୋଶ ଥୋମାସ୍**

# "ସ୍ୱପ୍ନର ଗାଁ"କୁ ସାକାର ରୂପ ଦେବ ଗ୍ରାମ୍ୟ ଦାରିଦ୍ର୍ୟ ହ୍ରାସ ଯୋଜନା





ଝାରସୁଗୁଡା ଜିଲ୍ଲା ଲଖନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଲୋନୀପଡା ଓ ମୁଣ୍ଡାପଡ଼ା ଗ୍ରାମରେ ଗ୍ରାମ ବିକାଶ ଦ୍ୱାରା ଗଠିତ ଗ୍ରାମ ଉନ୍ନୟନ କମିଟି, ଏସଏଚଜି ସଦସ୍ୟା ତଥା ଗାଁଲୋକମାନେ ଏକତ୍ରିତ ହୋଇ ସାମୁହିକ ଭାଗୀଦାରୀତାରେ ଗ୍ରାମ ଉନ୍ନୟନ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଯୋଜନା ପ୍ରସ୍ତୁତ କରିବା ପଛରେ ଉଦ୍ଦେଶ୍ୟ ହେଉଛି, ଲୋକଙ୍କ ଦ୍ୱାରା ହୋଇଥିବା ଯୋଜନାକୁ ପଲ୍ଲୀସଭାରେ ଉପସ୍ଥାପନ କରିବା ଏବଂ ପରେ ଏହାକୁ ଗ୍ରାମସଭାରେ ଉପସ୍ଥାପନ କରି ଗ୍ରାମପଞ୍ଚାୟତରେ ସେମାନଙ୍କର ଆବଶ୍ୟକତାକୁ ଜିପିଡ଼ିପିରେ ଦର୍ଶାଇବାକୁ ସୁନିଶ୍ଚିତ କରିବା ସହିତ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା । ପ୍ରଭାବି ଗଣତନ୍ତ୍ର ବ୍ୟବସ୍ଥା ପାଇଁ ନାଗରିକମାନଙ୍କୁ ସରକାରଙ୍କ ନିକଟରେ ସେମାନଙ୍କର ଦାବିକୁ ରଖିବା ପାଇଁ ଦୃଢ ମଞ୍ଚର ଆବଶ୍ୟକ ହୋଇଥାଏ ।



ପଞ୍ଚାୟତରାଜ ବ୍ୟବସ୍ଥାରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଗ୍ରାମସଭା ଏବଂ ପଲ୍ଲୀସଭା ହେଉଛି ସାମ୍ବିଧାନିକ ପଦ୍ଧତି । ଗ୍ରାମପଞ୍ଚାୟତ ବିକାଶ ଯୋଜନା (ଜିପିଡିପି) ହେଉଛି ଏକ ସାଧନ, ଯେଉଁଥିରେ ନାଗରିକମାନେ ସେମାନଙ୍କର ଦାବି ଉପସ୍ଥାପନ କରିବାକୁ ସକ୍ଷମ ହୋଇଥାନ୍ତି । ଗ୍ରାମର ଲୋକମାନେ ଗ୍ରାମ୍ୟ ଉନ୍ନୟନ ଯୋଜନା (VDP)କୁ ଉପଯୋଗ କରି ନିଜର ଦାବିକୁ ଗ୍ରାମପଞ୍ଚାୟତରେ ରଖିଥାନ୍ତି ଏବଂ ସେମାନଙ୍କର ଆବଶ୍ୟକତାକୁ ଜିପିଡ଼ିପି ରେ ଦର୍ଶାଇବାକୁ ସୁନିଶ୍ଚିତ କରିଥାନ୍ତି । ସହଭାଗୀ ଗ୍ରାମର ଗୋଷ୍ଠୀ ସମୁଦାୟକୁ ଗ୍ରାମ ଉନ୍ନୟନ ଯୋଜନା ପ୍ରସ୍ତୁତ କରିବାରେ ଗ୍ରାମବିକାଶ ସହଯୋଗ କରୁଅଛି ।

ଅବଶିଷ୍ଟାଂଶ - ପୃଷ୍ଠା ୬ ରେ

ପ୍ରଥମ ପଦକ୍ଷେପ ଭାବରେ ସ୍ଥାନୀୟ ଶାସନ ବ୍ୟବସ୍ଥାର ଧାରଣା ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ଏକାଧିକ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା । ଦ୍ୱିତୀୟ ସୋପାନରେ ବିଭିନ୍ନ ଯୋଜନା-ଆଧାରିତ ଅଧିକାର ପ୍ରତ୍ୟେକ ପରିବାର ଯେପରି ପାଇପାରିବେ, ମାନଚିତ୍ର ମାଧ୍ୟମରେ କରାଯାଇଥିଲା । ତୃତୀୟ ସୋପାନରେ, ନିଜ ଗ୍ରାମକୁ ସ୍ୱପ୍ନର ଗାଁରେ ପରିଣତ କରିବା ପାଇଁ ଗାଁଲୋକମାନେ ଆବଶ୍ୟକ ଭିତ୍ତିଭୂମି ପାଇଁ ଯୋଜନା କରିଥିଲେ । ଶେଷରେ, ଆଲୋଚନା ଏବଂ ଯୋଜନା କରିବା ପରେ, ଗାଁଲୋକମାନେ ଗ୍ରାମ୍ୟ ଉନ୍ନୟନ ଯୋଜନା(VDP)ରେ ଅନ୍ତର୍ଭୁକ୍ତ ହେବାକୁ ଥିବା ବିଷୟଗୁଡ଼ିକୁ ପ୍ରାଥମିକତା ଦେଇଥିଲେ ଏବଂ ଏହାକୁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିଥିଲେ । ଏହା ପରେ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗ୍ରାମସଭାରେ ଉପସ୍ଥାପନ କରାଯାଇଥିଲା ।

**ବିବରଣୀ: ଶିବରାମ ସାହୁ , ଫଟୋ: ବିଶ୍ୱଥ ଗିରି**

## ବୃନ୍ଦାବତୀଙ୍କ ସବୁଜ ପୁଷ୍ଟି ବଗିଚା

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଡ଼ି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିରି ଗ୍ରାମରେ ୬୦ବର୍ଷିୟା ବୃନ୍ଦାବତୀ ନାୟକ, ସ୍ୱାମୀ ଦାମୋଦର ନାୟକ(୬୮ବର୍ଷ) ଙ୍କ ସହିତ ବାସକରନ୍ତି । ଦାମୋଦର ଶ୍ରମିକ ଭାବରେ କେରଳର ଏକ ହୋଟେଲରେ କାମ କରୁଥିଲେ । ସବୁ ଦିନ ବି କାମ ମିଳୁନଥିଲା । ଯାହା ରୋଜଗାର କରୁଥିଲେ ଏହି ଦୁଇଜଣିଆ ସଦସ୍ୟ ବିଶିଷ୍ଟ ପରିବାର ଚଳୁଥିଲେ । ବୟସ ଅଧିକ ଓ ଶାରୀରିକ ଅସୁସ୍ଥତା କାରଣରୁ କୋଭିଡ଼-୧୯ ପୂର୍ବରୁ ଗାଁକୁ ଦାମୋଦର ଫେରିଥିଲେ । ସେବେଠାରୁ ସେ ଗାଁରେ ଅଛନ୍ତି । ରୋଜଗାର କିଛି ନାହିଁ । ଦାମୋଦରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯାହା ମିଳେ, ସେଥିରେ ଦୁଇପ୍ରାଣୀ ଚଳୁଛନ୍ତି ।





ଗ୍ରାମରେ ହୋଇଥିବା ସଚେତନତା ବୈଠକରେ ବୃନ୍ଦାବତୀ ଘରର ବ୍ୟବହୃତ ମଇଳା ଜଳର ବ୍ୟବହାର ଉପରେ ଗ୍ରାମବିକାଶ କର୍ମୀଙ୍କ ଠାରୁ ଧାରଣା ପାଇଥିଲେ । ଘରର ବ୍ୟବହୃତ ଜଳ ଏଣେତେଣେ ଜମାହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟିକରୁଥିଲା । ସେହି ପାଣିକୁ ଉପଯୋଗ କରି ନିଜ ବାଡିରେ ସବୁଜ ପୁଷ୍ଟି ବଗିଚା ଆରମ୍ଭ କଲେ । ନିଜ ପୁଷ୍ଟି ବଗିଚାରୁ ସିମ୍ବ, ଟମାଟୋ, କଞ୍ଚାଲଙ୍କା, କଖାରୁ ଓ ବାଇଗଣ ଆଦି ସବୁଜ ପନିପରିବା ପାଇପାରୁଛନ୍ତି । ପୁଷ୍ଟି ବଗିଚାରୁ ସବୁଜ ପନିପରିବା ସହିତ ଶିମ୍ବଡାଲି ଅମଳ କରିଥାନ୍ତି ।

ଅବଶିଷ୍ଟାଂଶ - ପୃଷ୍ଠା ୭ ରେ

ଯାହାକୁ ବର୍ଷରୁ ୬ରୁ ୭ମାସ ପର୍ଯ୍ୟନ୍ତ ନିଜ ଘରପାଇଁ ଆବଶ୍ୟକ ହେଉଥିବା ଖାଦ୍ୟରେ ଡାଲି ରୂପେ ପାଇଥାନ୍ତି । ଗୋଟିଏ ଋତୁରେ ୨୦ରୁ ୨୫ କିଗ୍ରା ଡାଲି ପାଇଥାନ୍ତି । ଯାହାର ବଜାରରେ କିଗ୍ରା ପ୍ରତି ମୂଲ୍ୟ ଟ.୯୦/- ରୁ ୧୦୦/- ଟଙ୍କା ରହିଛି । ବୃନ୍ଦାବତୀ କୁହନ୍ତି ଯେ "ସ୍ୱାମୀଙ୍କ ରୋଜଗାର ନଥିବା ସମୟରେ, ନିଜର ପୁଷ୍ଟି ବଗିଚା ଘରର ଆର୍ଥିକ ସମସ୍ୟା ସ୍ଥିତିରେ କିଛି ମାତ୍ରାରେ ସମାଧାନ ଦିଗରେ ସହଯୋଗ କରୁଛି । ଘର ପାଇଁ ଆବଶ୍ୟକ ସବୁଜ ପନିପରିବା ମଧ ପାଇ ପାରୁଛୁ ।"

**ବିବରଣୀ : ନାରାୟଣ ପ୍ରଧାନ ,     ଫଟୋ: ସନ୍ତୋଷ ରାଉତ**

## ବିକଳ୍ପ ପାଠପଢା କେନ୍ଦ୍ର ମମିଙ୍କ ପାଇଁ ବରଦାନ ସାଜିଲା



ଗ୍ରାମ ସେବା ପ୍ରକଳ୍ପ ଅଧୀନରେ "ବିକଳ୍ପ ପାଠପଢା କେନ୍ଦ୍ର" ବିଦ୍ୟାଳୟର ଶ୍ରେଣୀ କକ୍ଷ ପାଠପଢା ପରେ ପିଲାମାନଙ୍କୁ ପଢିବା ଓ ଶଙ୍କା ସମାଧାନ କରିବାରେ ସହାୟକ ହେଉଛି । ଅର୍ଥାଭାବରୁ ଘରୋଇ ଟ୍ୟୁସନ ବା ପାଠପଢାରୁ ବଞ୍ଚିତ ହେଉଥିବା ଗରିବ ଅସହାୟ ପିଲାମାନେ ନିଶୁଳ୍କରେ ପାଠ ପଢିପାରୁଛନ୍ତି । ପାଠପଢା ସହିତ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା, ଚିତ୍ରାଙ୍କନ, ବକ୍ତୃତା, ଖେଳକୁଦ ଓ ଅନ୍ୟାନ୍ୟ ସୃଜନାତ୍ମକ ଶିକ୍ଷା ପିଲାମାନେ ପାଇପାରୁଛନ୍ତି । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଥୁଆଙ୍ଗପଦର ଗ୍ରାମର ମମି ମାଝୀ, ବୟସ ୧୨ବର୍ଷ, ୭ମ ଶ୍ରେଣୀରେ ପାଠ ପଢନ୍ତି । ମା'ଙ୍କ ନାମ ସାଇବାଣୀ ମାଝୀ (୪୦ବର୍ଷ) । ମମିଙ୍କୁ ୬ମାସ ବୟସ ହୋଇଥିବା ବେଳେ ବାପା ପର୍ଶୁ ମାଝୀଙ୍କର ଦେହାନ୍ତ ହୋଇଥିଲା । ସାଇବାଣୀ ଦିନମଜୁରିଆ ଭାବରେ କାମ କରନ୍ତି । ମାସକୁ ମାତ୍ର ୪-୫ ଦିନ କାମ ମିଳେ, ଯାହାକି ଦୈନିକ ମଜୁରି ମାତ୍ର ୨୦୦/- ଟଙ୍କା । ନିଜର ମିଳୁଥିବା ବିଧବା ଭତ୍ତା ଓ ଖାଉଟି କାର୍ଡ ମାଧମରେ ମିଳୁଥିବା ମାସିକ ୧୦ କିଗ୍ରା ଚାଉଳ/ଗହମ ପାଇ, ଅଭାବ ଅନାଟନରେ ନିଜ ଝିଅର ଲାଳନ ପାଳନ ସହିତ ପରିବାର ଚଳାନ୍ତି ।

ଅବଶିଷ୍ଟାଂଶ - ପୃଷ୍ଠା ୮ ରେ

 

ସାଇବାଣୀ କୁହନ୍ତି "ମମିର ବାପା ମରିଯିବା ପରେ ମୋର ଶାଶୁଘର ଘାଟିକୁଣ୍ଡୁରୁ ଗାଁରେ ଚଳିବା ପାଇଁ ଅସୁବିଧା ହେବାରୁ ନିଜ ବାପଘର ଥୁଆଙ୍ଗପଦର ଚାଲି ଆସିଲି । ବାପଘରେ ରହି ମୂଲପାତି ଲାଗି ଆମ ଦୁହିଁଙ୍କ ଖାଇବା, ଔଷଧ, ପୋଷାକପତ୍ର ସହିତ ଝିଅର ପାଠପଢା ଖର୍ଚ୍ଚ ବହୁତ କଷ୍ଟରେ ତୁଲାଉଥିଲି । ଝିଅକୁ ଟ୍ୟୁସନ କରିବା ପାଇଁ ଅକ୍ଷମ ଥିଲି ।" ମମି କୁହନ୍ତି " ଗାଁ ଠାରୁ ୩କି.ମି ଦୂର ଲାଖବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠପଢେ, ଗାଁରେ ଟ୍ୟୁସନ ପାଇଁ ସୁବିଧା ନଥିଲା । ଘରେ ମଧ ପଢିପାରୁନଥିଲି । କୋରନା ମହାମାରୀ କାରଣରୁ ଦୀର୍ଘଦିନ ସ୍କୁଲ ବନ୍ଦ ଥିବାରୁ ପାଠପଢାରେ ପଛୁଆ ଥିଲି । ଏବେ ଏହି ପାଠପଢା କେନ୍ଦ୍ରରେ ଅପରାହ୍ନ ୪ଘଟିକା ରୁ ୬ଘଟିକା ପର୍ଯ୍ୟନ୍ତ ପଢିବାର ସୁଯୋଗ ପାଉଛି ।"

ଏସବିଆଇ ଫାଉଣ୍ଡେସନ ଆର୍ଥିକ ସହାୟତା ଓ ଗ୍ରାମବିକାଶ ଆନୁକୂଲ୍ୟରେ ଗ୍ରାମସେବା ପ୍ରକଳ୍ପ ଅଧୀନରେ ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ୫ଟି ଗ୍ରାମରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସହିତ "ବିକଳ୍ପ ପାଠପଢା କେନ୍ଦ୍ର" ଜରିଆରେ ମୋଟ ୧୨୭ ଜଣ ପିଲା ଶ୍ରେଣୀକକ୍ଷ ଶିକ୍ଷା ଗ୍ରହଣ ପରେ ପାଠ ପଢିବାର ସୁଯୋଗ ପାଉଛନ୍ତି । ଶ୍ରେଣୀ ଶିକ୍ଷାଦାନର ପରିପୂରକ ଭାବେ ଏହି ପାଠପଢା କେନ୍ଦ୍ର ସହଯୋଗ କରୁଛି ।

**ବିବରଣୀ : ପୁଷ୍ପାଞ୍ଜଳୀ ବାରିକ , ଫଟୋ: ସନ୍ତୋଷ ରାଉତ**

## ମାଟ୍ରିକ ବୋର୍ଡ ପରୀକ୍ଷାରେ ଗ୍ରାମବିକାଶ ହାଇସ୍କୁଲର ସଫଳତା

୨୦୨୧-୨୨ ଦଶମ ବୋର୍ଡ ପରୀକ୍ଷାରେ ଗ୍ରାମବିକାଶ ହାଇସ୍କୁଲ, କଙ୍କିଆର ଶତପ୍ରତିଶତ ଛାତ୍ରଛାତ୍ରୀ ୬୦%ରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ । ଲଗାତର ୯ବର୍ଷ ଧରି ଦଶମ ବୋର୍ଡ ପରୀକ୍ଷାରେ ଶତପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଆସୁଛନ୍ତି । ଚଳିତ ବୋର୍ଡ ପରୀକ୍ଷାରେ ୭ଜଣ ଛାତ୍ରଛାତ୍ରୀ ମୋଟ ମର୍କ ୬୦୦ ରୁ ୫୦୦ ରୁ ଉର୍ଦ୍ଧ୍ୱ ମର୍କ ରଖିଛନ୍ତି । ସେମାନେ ହେଲେ ସୁନ୍ଦରସିଂ ମାଝୀ ୫୩୦(୮୮%), ହେମନ୍ତ ଶବର ୫୨୩(୮୭%), ହରେକୃଷ୍ଣ ଭୂୟାଁ ୫୧୭(୮୬%), ସସ୍ମିତା ମଲ୍ଲିକ ୫୧୫(୮୫%), ଆନନ୍ଦ ମାଝୀ ୫୦୭(୮୪%), ଚୁମନ ନାୟକ ୫୦୪(୮୪%), ସୌମ୍ୟରଞ୍ଜନ ଭୂୟାଁ ୫୦୨(୮୩%) ।

ଅବଶିଷ୍ଟାଂଶ - ପୃଷ୍ଠା ୯ ରେ



ଗ୍ରାମବିକାଶ ହାଇସ୍କୁଲ, କଙ୍କିଆର ମୋଟ ୧୩୦ଜଣ ଛାତ୍ରଛାତ୍ରୀ(ବାଳକ ୮୦ଜଣ ଓ ବାଳିକା ୫୦ଜଣ) ୨୦୨୧-୨୨ ବର୍ଷରେ ମାଟ୍ରିକ ବୋର୍ଡ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ A2-୨୩ଜଣ , B1-୭୯ଜଣ, B2- ୨୮ଜଣ ସମସ୍ତେ ୬୦%ରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ।

ଗ୍ରାମବିକାଶର ଚାରୋଟି ଆବାସିକ ବିଦ୍ୟାଳୟ ମଧ୍ୟରୁ ଗ୍ରାମବିକାଶ ହାଇସ୍କୁଲ, କଙ୍କିଆ ଅନ୍ୟତମ । ଏହା ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ତଥା ବ୍ରହ୍ମପୁର ସହର ଠାରୁ ୨୦କି.ମି ଦୂରରେ ଅବସ୍ଥିତ । ଏହି ବିଦ୍ୟାଳୟରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ବେଳେ । ଅନ୍ୟ ତିନୋଟି ଆବାସିକ ବିଦ୍ୟାଳୟ (ଗ୍ରାମବିକାଶ ଶିକ୍ଷାନିକେତନ, କୁମୁଡାବାହାଲ(କଳାହାଣ୍ଡି), ଗ୍ରାମବିକାଶ ବିଦ୍ୟାବିହାର, ଗାୟଗଣ୍ଡା(ଗଞ୍ଜାମ), ମହେନ୍ଦ୍ରତନୟା ଆଶ୍ରମ ବିଦ୍ୟାଳୟ, କଇଁପୁର(ଗଜପତି)ରେ ୮ମ/ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ କକ୍ଷ ରହିଛି । ବିଶେଷତଃ ଏହି ବିଦ୍ୟାଳୟ ମାନଙ୍କରେ ଆଦିବାସୀ ଅଧ୍ୟୁଷିତ ଗ୍ରାମୀଣ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କୁ ଶିକ୍ଷାଗ୍ରହଣ ପାଇଁ ଅଗ୍ରାଧିକାର ଦିଆଯାଇଥାଏ । ଗ୍ରାମବିକାଶ କାର୍ଯ୍ୟକ୍ଷେତ୍ର ଅଞ୍ଚଳର ବିଭିନ୍ନ ଜିଲ୍ଲାମାନଙ୍କରୁ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିଥାନ୍ତି ।



ବିଦ୍ୟାଳୟରେ ଶିକ୍ଷାଦାନ ସହିତ ଖେଳ, ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ ଅଭିବୃଦ୍ଧି, ଚିତ୍ରକଳା, ନୃତ୍ୟ, ବିଜ୍ଞାନ ଭିତ୍ତିକ ଶିକ୍ଷାର ପ୍ରୋତ୍ସାହନ ତଥା ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥାଏ ।

ଅବଶିଷ୍ଟାଂଶ - ପୃଷ୍ଠା ୧୦ ରେ

ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ତଥା ଛାତ୍ରଛାତ୍ରୀମାନଙ୍କର ପରିଶ୍ରମ ପାଇଁ ଏହି ସଫଳତା ମିଳିପାରିଛି । ଏହି ବର୍ଷର ପରୀକ୍ଷା ଫଳ ଆଗାମୀ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ A1 ଗ୍ରେଡ ହାସଲ କରିବା ପାଇଁ ସେମାନଙ୍କ ଉତ୍ସାହ ବୃଦ୍ଧିକୁ ଦ୍ୱିଗୁଣିତ କରିବ ।

ଗ୍ରାମବିକାଶ ଚେୟାରମ୍ୟାନ ଜୋ ମାଡିୟାଥ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲିବି. ଟି ଜନସନ୍ ଏହି ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

**ବିବରଣୀ : ଦେବେନ୍ଦ୍ର ଦାସ , ସନ୍ତୋଷ ରାଉତ**

## ଜରା ସ୍ୱାସ୍ଥ୍ୟ ସେବିକା ପ୍ରଶିକ୍ଷଣ - ଜୀବନରେ ଆଗକୁ ବଢିବା ପାଇଁ ସହାୟକ ହେଉଛି



ଯେଉଁମାନେ ଦିନେ ନିଜ ସାହି କିମ୍ବା ଗାଁର ସୀମା ଛାଡି ବାହାରକୁ ବାହାରୁ ନଥିଲେ, ସେମାନେ ଆଜି ନିଜ ଗୋଡରେ ଠିଆ ହେବାକୁ ସମର୍ଥ ହେଉଛନ୍ତି, ପରିବାରକୁ ଆର୍ଥିକ ସହାୟତା କରିବା ସହିତ ନିଜେ ଭବିଷ୍ୟତରେ ଅଧିକ ପାଠ ପଢିବା ବା ଭଲ ଚାକିରି କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତି ।

ଓଡିଶାର ଆଦିବାସୀ ତଥା ଗ୍ରାମାଞ୍ଚଳର ଗରିବ ସମୁଦାୟର ଯୁବତୀମାନେ ନିଜ ଜୀବନରେ ଆଗକୁ ବଢିବା ପାଇଁ ନିଜର ଦକ୍ଷତା ବୃଦ୍ଧି କରି ଆନୁଷ୍ଠାନିକ ଭାବେ ଜରା ସ୍ୱାସ୍ଥ୍ୟ ସେବିକା ଭାବରେ ନିଯୁକ୍ତି ପାଇ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆଣିବା ସହିତ ନିଜ ଜୀବନରେ ଆଗକୁ ବଢୁଛନ୍ତି । ୨୦୧୯ ମସିହା ଅକ୍ଟୋବର ମାସ ଠାରୁ, ଲାଇଫ୍ ସର୍କଲ୍ ହେଲଥ୍ ସର୍ଭିସେସ୍ ପ୍ରା.ଲି(ହାଇଦ୍ରାବାଦ) ସହଭାଗିତାରେ ଗ୍ରାମ ବିକାଶ ନିଜର କାର୍ଯ୍ୟକ୍ଷେତ୍ର ପରିସର ଅନ୍ତର୍ଭୁକ୍ତ ଗ୍ରାମାଞ୍ଚଳର ଯୁବତୀମାନଙ୍କୁ ଜରା ସ୍ୱାସ୍ଥ୍ୟ ସେବିକା (ଜେରିଆଟ୍ରିକ୍ କେୟାରଗିଭର) ଭାବରେ ତାଲିମ ପ୍ରଦାନ କରୁଛି ।

ଅବଶିଷ୍ଟାଂଶ - ପୃଷ୍ଠା ୧୧ ରେ

ମେ ମାସ ୨୦୨୨ ମସିହା ସୁଦ୍ଧା ୧୦ଟି ବ୍ୟାଚରେ ୧୨୮ ଜଣ ତାଲିମ ଗ୍ରହଣ କରିଛନ୍ତି । ତିନିମାସର ଅବଧି ବିଶିଷ୍ଟ ଏହି ନିଶୁଳ୍କ ତାଲିମିରେ ପ୍ରଥମ ମାସ ଗ୍ରାମବିକାଶ ମହୁଡ଼ାଠାରେ ବିଶ୍ଳେଷଣାତ୍ମକ ଅବଧାରଣା (Theory) ଶିକ୍ଷା ଦକ୍ଷ ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯାଉଛି ଓ ପରବର୍ତ୍ତୀ ଦୁଇମାସ ହାଇଦ୍ରାବାଦ ଠାରେ ଲାଇଫ୍ ସର୍କଲ୍ ହେଲଥ୍ ସର୍ଭିସେସ୍ ପ୍ରା.ଲି ଅଧୀନରେ କର୍ମନିୟୋଜନ ସ୍ଥଳୀରେ କ୍ରିୟାତ୍ମକ(practical) ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇଥାଏ । ପ୍ରଶିକ୍ଷଣ ପରେ ଶତପ୍ରତିଶତ କର୍ମନିୟୋଜନର ସୁଯୋଗ ସହିତ ସୁବିଧା ଓ ସୁରକ୍ଷାର ସଂପୂର୍ଣ୍ଣ ଦାୟିତ୍ୱକୁ ପ୍ରାଧାନ୍ୟ ଦିଆଯାଇଥାଏ ।



ଅତୀତରେ ଯେଉଁମାନେ ହାଜିରାରେ କିମ୍ବା ଦିନମଜୁରିଆ ଶ୍ରମିକ ଭାବରେ କାମ କରୁଥିଲେ, ଏହି ତାଲିମ ସେହି ଯୁବତୀ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ସାହସ, ବିଶ୍ୱାସ ଏବଂ ଭରସାର ଏକ ପରିବର୍ତ୍ତନକାରୀ ଯାତ୍ରା ପାଲଟିଛି । ଯେଉଁମାନେ ଦିନେ ନିଜ ସାହି କିମ୍ବା ଗାଁର ସୀମା ଛାଡି ବାହାରକୁ ବାହାରୁ ନଥିଲେ, ସେମାନେ ଆଜି ନିଜ ଗୋଡରେ ଠିଆ ହେବାକୁ ସମର୍ଥ ହେଉଛନ୍ତି, ପରିବାରକୁ ଆର୍ଥିକ ସହାୟତା କରିବା ସହିତ ନିଜେ ଭବିଷ୍ୟତରେ ଅଧିକ ପାଠ ପଢିବା ବା ଭଲ ଚାକିରି କରିବା ପାଇଁ ଯୋଜନା ପ୍ରସ୍ତୁତ କରନ୍ତି ।

ଆମ ସମାଜରେ 'ଜରାସ୍ୱାସ୍ଥ୍ୟ ସେବିକା' ଏକ ନୂତନ ତଥା କ୍ରମବର୍ଦ୍ଧିଷ୍ଣୁ ବୃତ୍ତି ରୂପରେ ଦେଖାଦେଇଛି ତଥା ଆଗାମୀ ଭବିଷ୍ୟତରେ ଏହାର ଯଥେଷ୍ଟ ଗୁରୁତ୍ୱ ରହିଛି । ଗ୍ରାମବିକାଶ ଭଳି ଅନୁଷ୍ଠାନ ମାଧ୍ୟମରେ ତଥା ଲାଇଫ୍ ସର୍କଲ୍ ଭଳି ଏକ ଅଭିଜ୍ଞ ସଂସ୍ଥା ଦ୍ୱାରା ପ୍ରଶିକ୍ଷିତ ଯୁବତୀମାନେ ଓଡିଶା ବାହାରେ କର୍ମନିୟୋଜନର ସୁଯୋଗ ପାଇ ନିଜକୁ ସୁରକ୍ଷିତ ସମ୍ମାନଜନକ ମନେକରୁଛନ୍ତି ।

ଏହି କାର୍ଯ୍ୟକ୍ରମ ଏକ ସୁରକ୍ଷିତ ଓ ସମ୍ମାନଜନକ ପ୍ରବାସ ଗମନକୁ ପ୍ରୋତ୍ସାହିତ କରୁଛି । ଗ୍ରାମାଞ୍ଚଳର ଯୁବତୀମାନଙ୍କୁ ରୋଜଗାରକ୍ଷମ କରାଇବା ସହିତ ଜୀବିକା କ୍ଷେତ୍ରରେ ଉନ୍ନତି ଆଣିବାରେ ଗ୍ରାମ ବିକାଶର ଏହା ଏକ ବିଶେଷ ପଦକ୍ଷେପ । **ବିବରଣୀ : ସନ୍ତୋଷ ରାଉତ , ଫଟୋ : ସୁରଭି**

# ବିଶ୍ୱ ପରିବେଶ ଦିବସ ପାଳନ





କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଗୋପିନାଥପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଫଲା ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗ୍ରାମବାସୀ, ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ, ବିଦ୍ୟାଳୟର ଛାତ୍ର /ଛାତ୍ରୀ, ଶିକ୍ଷକ, ଗୋପିନାଥପୁର ଗ୍ରାମପଞ୍ଚାୟତର ସରପଞ୍ଚ, ୱାର୍ଡ ମେମ୍ବର, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ବିଦ୍ୟାଳୟ କମିଟି ଏବଂସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ନେଇ ଜୁନ ୫ତାରିଖ ୨୦୨୨ରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି । ଥୁଆମୂଳ ରାମପୁର ବନବିଭାଗର ବନପାଳ ଶ୍ରୀ ତ୍ରିନାଥ ସେଠୀ, ଫୋରେଷ୍ଟର ରଞ୍ଜିତ ଗହୀର ଏହି କାର୍ଯ୍ୟକ୍ରମରେ ଉପସ୍ଥିତି ରହି ମଣିଷ ସହିତ ଜଙ୍ଗଲର ସମ୍ପର୍କ ବୃକ୍ଷର ଉପକାରିତା ଓ ଜଙ୍ଗଲ କ୍ଷୟକୁ କିପରି ରୋକାଯାଇ ପାରିବ ତଥା ପରିବେଶ ଦିବସ ପାଳନ ଉପରେ ବିଶେଷ ଆଲୋକପାତ କରିଥିଲେ । ଗ୍ରାମବିକାଶ ଅଡ଼ି ପ୍ରକଳ୍ପ  ସଂଯୋଜକ ଶ୍ରୀ ରାମଚନ୍ଦ୍ର ମହାନ୍ତି ବିଶ୍ୱ ପରିବେଶ ଦିବସ ପାଳନର ଉଦେଶ୍ୟ ତଥା ଉପକାରିତା ଉପରେ ସଚେତନତା ମୂଳକ ଏକ କବିତା ପାଠକରିଥିଲେ । ସରପଞ୍ଚ ଶ୍ରୀ ଧନସିଂ ମାଝୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ଉଗ୍ରେଶର ନାଏକ ବୃକ୍ଷ ରୋପଣର ଉପକାରିତା ଓ ସ୍ୱଚ୍ଛ ପରିବେଶର ଉପାଦେୟତା ଉପରେ ସଚେତନ ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ ।

ପରିଶେଷରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ଏହା ପରେ ଗ୍ରାମର ପରିବେଶ ରଖିବା ପାଇଁ ପଲିଥିନ ମୁକ୍ତ ଗ୍ରାମର ସାକାର ରୂପ ଦେବାପାଇଁ ଗାଁ ଲୋକେ ସାମୁହିକ ଶପଥ ନେଇଥିଲେ । ଗ୍ରାମ ବିକାଶ କାର୍ଯ୍ୟକ୍ଷେତ୍ର ପରିସର ଅନ୍ତର୍ଭୁକ୍ତ କଳାହାଣ୍ଡି ଜିଲ୍ଲା ବିଭିନ୍ନ ଗ୍ରାମୀଣ ଅଞ୍ଚଳରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି ।

**ବିବରଣୀ/ଫଟୋ: ଦୁଃଖିରାମ ନାଏକ**



# ଉନ୍ନତ କୃଷି ଅଭ୍ୟାସ – ଚାଷୀଙ୍କ ଜୀବିକାରେ ଉନ୍ନତି ଆଣିବ




ପାରମ୍ପରିକ କୃଷି ପଦ୍ଧତି ଅପେକ୍ଷା ଉନ୍ନତ ଜ୍ଞାନକୌଶଳ ଭିତ୍ତିକ କୃଷି ପଦ୍ଧତି ଅଧିକ ଫସଲ ଉତ୍ପାଦନ ସହିତ ଚାଷିକୁ ଲାଭବାନ କରାଇଥାଏ ଏବଂ ତାର ଜୀବିକାକୁ ସୁଦୃଢ କରିଥାଏ । ଗ୍ରାମୀଣ ଓଡିଶାର ହାରାହାରି ୬୨% ପରିବାର କୃଷି ଭିତ୍ତିକ ଜୀବିକା ଉପରେ ନିର୍ଭର କରିଥାନ୍ତି । ସଶକ୍ତ ଓ ସ୍ଥାୟୀ ଜୀବିକା ବ୍ୟକ୍ତିକୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ସହିତ ଆତ୍ମମର୍ଯ୍ୟାଦା ଆଣିଦେଇଥାଏ । ଉତ୍ତମ ବିହନ, ଜୈବିକ ପଦ୍ଧତିରେ ବିହନ ବିଶୋଧନ ଓ ଧାଡିରେ ଧାନ ଚାଷ କରିବା ଆଦି ଉନ୍ନତ କୃଷି ପଦ୍ଧତିକୁ ଚାଷୀମାନଙ୍କ ଅଭ୍ୟାସରେ ଆଣିବା ପାଇଁ ଗ୍ରାମୀଣ ସ୍ତରରେ ତାଲିମ ଓ ପ୍ରତ୍ୟକ୍ଷ ପ୍ରଦର୍ଶନ ସହିତ ସଚେତନତା ବୃଦ୍ଧି କରାଯାଇଛି ।

ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ବ୍ଲକ ଗାୟଗଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଣ୍ଡାପଥର ଗ୍ରାମରେ ଚାଷିମାନଙ୍କୁ ନେଇ ଚଳିତ ବର୍ଷ ଧାନ ଚାଷ ଆରମ୍ଭରେ ଉତ୍ତମ ଓ ସଶକ୍ତ ବିହନ ଚୟନ ବାବଦରେ ଚାଷିମାନଙ୍କୁ କ୍ରିୟାତ୍ମକ ପ୍ରଦର୍ଶନ ମାଧମରେ ସଚେତନ କରାଯାଇଛି । ଉତ୍ତମ ଓ ସଶକ୍ତ ବିହନ ଅଧିକ ବୁଦାଳିଆ ଓ ପିଲରଯୁକ୍ତ ହେବା ସହିତ ଅଧିକ ଅମଳ ମଧ ପ୍ରଦାନ କରିଥାଏ । ସେଥିପାଇଁ ଘରେଥିବା ବିହନକୁ ଲୁଣପାଣିରେ ପକାଇ ସେଥିରୁ ଭଲ ବିହନ ଚିହ୍ନଟ ପାଇଁ ପ୍ରଦର୍ଶନ କରାଯାଇଥିଲା । ଜୈବିକ ପଦ୍ଧତିରେ ବିହନ ବିଶୋଧନ ବାବଦରେ ଚାଷିମାନଙ୍କୁ ବୁଝାଯିବା ସହିତ ଭିଡ଼ିଓ ଜରିଆରେ ପ୍ରଦର୍ଶିତ କରାଯାଇଥିଲା । ବିହନ ଚୟନ ପରେ ଧାଡିରେ ଧାନ ଚାଷ କରିବା ପାଇଁ ଚାଷିମାନଙ୍କୁ ଉତ୍ସାହିତ କରାଯାଇଥିଲା । ଧାଡିରେ ଧାନ ଚାଷ କଲେ କମ ମଜୁରି ସହିତ ବିହନ ମଧ କମ ଲାଗିଥାଏ ଏବଂ ଅମଳ ଅଧିକ ହୋଇଥାଏ । ଗ୍ରାମବିକାଶର କ୍ଷେତ୍ରକର୍ମୀ ବିଷାଦ ଭାବରେ ଏହି ଉନ୍ନତ ଚାଷ ଅଭ୍ୟାସ ବାବଦରେ ସଚେତନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଗ୍ରାମର ୧୮ ଜଣ ଚାଷୀ ଉପସ୍ଥିତ ଥିଲେ । ଚଳିତ ବର୍ଷରେ ଗ୍ରାମବିକାଶ ଘୁମୁସୁର ଏଫପିଓ ଅନ୍ତର୍ଗତ ୨ଟି ବ୍ଲକ(ଜଗନ୍ନାଥପ୍ରସାଦ,ନୂଆଗାଁ) ୫ଟି ଗ୍ରାମପଞ୍ଚାୟତ(ଗାୟଗଣ୍ଡା, କ୍ଷେତମୁଣ୍ଡୁଳି, ରୂଢାପଦର, ତାରାସିଂ, କାପୁଡ଼ପଲ୍ଲୀ) ର ୫୩ଟି ଗ୍ରାମରେ ଚାଷିମାନଙ୍କୁ ପ୍ରବର୍ତ୍ତାଇ ଧାଡିରେ ଧାନଚାଷ କରିବା ପାଇଁ ଯୋଜନା ରହିଛି ।

**ବିବରଣୀ /ଫଟୋ: ସଞ୍ଜୟ ବରାଳ**

# ସ୍ୱାବଲମ୍ବୀ ହେଲେ ପ୍ରବାସୀ ଶ୍ରମିକ ସଂଗ୍ରାମ



ସଞ୍ଚୟ ଅର୍ଥରେ ଧାନ ଓ ଚୂନା କଳ କିଣି ନିଜେ ସ୍ୱାବଲମ୍ବୀ ହେଲେ ଏଥି ସହିତ ସାହି ପଡ଼ିଶା ଓ ଗାଁ ଲୋକ ଉପକୃତ ହେଲେ । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଦାସିଙ୍ଗବାଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଲୁଙ୍ଗାରବାଡି ଗ୍ରାମରେ ୩୨ ବର୍ଷୀୟ ସଂଗ୍ରାମ ନାୟକ ନିଜର ପରିବାର ସହିତ ବାସ କରନ୍ତି । ସଂଗ୍ରାମଙ୍କ ପରିବାର କହିଲେ ପତ୍ନୀ, ପୁଅ ଓ ଝିଅ ମୋଟ ୪ଜଣ ସଦସ୍ୟ ।

ବିବାହ ପରେ ଆବଶ୍ୟକତା ବଢିଲା, ସଂଗ୍ରାମ ନିଜ ପରିବାର ଚଳାଇବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଲେ । ଗାଁରେ ନିୟମିତ କାମ ନମିଳିବା ଓ କମ୍ ମଜୁରି ମିଳିବା ସଂଗ୍ରାମଙ୍କୁ ବ୍ୟତିବ୍ୟସ୍ତ କଲା । ପରିବାର ପ୍ରତିପୋଷଣ ପାଇଁ ଘୋର ଅଭାବ ଅନାଟନ ଦେଇ ଗତିକରିବାକୁ ପଡିଲା । ଶେଷରେ ସେ ୨୦୧୫ ମସିହାରେ ପ୍ରବାସୀ ଶ୍ରମିକଭାବେ କାମ କରିବା ପାଇଁ କେରଳ ଯିବାକୁ ନିସ୍ପତି ନେଲେ । କେରଳର କୁନ୍ନୁର ଜିଲ୍ଲାରେ ଦିନ ମଜୁରିଆ ଶ୍ରମିକ ଭାବେ ସ୍ଥାନୀୟ ଅଞ୍ଚଳରେ କାମ ଆରମ୍ଭ କଲେ । ଯେଉଁ କାମ ଯେତେବେଳେ ମିଳିଲା ସେହିକାମ କରୁଥିଲେ । ଦୈନିକ ୮୦୦/- ଟଙ୍କା ମଜୁରିଲେ କାମ କଲେ । ପ୍ରତି ମାସରେ ପ୍ରାୟ ୫୦୦୦/- (ପାଞ୍ଚ ହଜାର) ଟଙ୍କା ରହିବା ଖାଇବା ବାବଦରେ ଖର୍ଚ୍ଚ ଯିବା ପରେ ଅବଶିଷ୍ଟ ଟଙ୍କା ପତ୍ନୀଙ୍କ ପାଖକୁ ପଠାଉଥିଲେ ।

ସଂଗ୍ରାମ କୁହନ୍ତି "ସେଠାରେ ତିନିମାସ କାମ କରିବା ପରେ ଗାଁକୁ ଫେରିଲି । ପଠେଇଥିବା ପାଖାପାଖି ୫୦,୦୦୦/- (ପଚାଶ ହଜାର)ଟଙ୍କାରୁ ସଞ୍ଚିତ ଥିବା ୩୦,୦୦୦/-(ତିରିଶି ହଜାର) ଟଙ୍କାରେ ଧାନ/ ଚୂନା କଳ କିଣିବାକୁ ନିସ୍ପତି ନେଲି । ମୋର ଭାବନା ଥିଲା ଏଥିରୁ ମୁଁ ରୋଜଗାର କରିପାରିବି ଏବଂ ଗାଁ ଲୋକ ମଧ୍ୟ ଉପକୃତ ହେବେ । ବାର୍ଷିକ ହାରାହାରି ୫୦,୦୦୦/- (ପଚାଶ ହଜାର) ଟଙ୍କା ହିସାବରେ ବିଗତ ପାଞ୍ଚବର୍ଷ ଭିତରେ ପ୍ରାୟ ୨,୫୦,୦୦୦/-(ଦୁଇଲକ୍ଷ ପଚାଶ ହଜାର) ଟଙ୍କା ଏହି କଳରୁ ରୋଜଗାର କରିପାରିଛି । ମୁଁ ଗାଁରେ ଚାଷବାସ ସହିତ ଅନ୍ୟ ବାହାର କାମ ମଧ୍ୟ କରିପାରୁଛି । ମୋ ଅନୁପସ୍ଥିତିରେ ମୋ ପତ୍ନୀ କଳ ଚଳାନ୍ତି । ପ୍ରବାସରୁ ସଞ୍ଚୟ ଅର୍ଥ ମୋତେ ସ୍ୱାବଲମ୍ବୀ କରାଇଛି ।"

ଅବଶିଷ୍ଟାଂଶ - ପୃଷ୍ଠା ୧୫ ରେ

ସଂଗ୍ରାମ କୁହନ୍ତି " ୨୦୨୨ ମସିହା ଜାନୁୟାରୀ ରୁ ମାର୍ଚ୍ଚ ମାସ ମଧ୍ୟରେ ୨ମାସ ପାଇଁ କେରଳ ଯାଇଥିଲି । ସଞ୍ଚିତ ରୋଜଗାରରୁ ୨୧,୦୦୦/-(ଏକୋଇଶ ହଜାର)ଟଙ୍କା ସହିତ ଗାଁକୁ ଫେରିଲି । ସେହି ଅର୍ଥରେ ଛେଳି ପାଳନ କରିବି ବୋଲି ଯୋଜନା କରିଛି । ମୋର ପରିବାରର ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ବଢ଼ିଛି । ଆଶା କରୁଛି ମୋ ପରିବାର ଭଲରେ ରହିବା ସହିତ ପିଲାମାନଙ୍କୁ ଭଲ ପାଠ ପଢ଼ାଇ ପାରିବି ।" କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ଦଶଟି ଗ୍ରାମପଞ୍ଚାୟତରେ ଇସାଫ(ESAF)ର ଆର୍ଥିକ ସହାୟତା ତଥା ଗ୍ରାମବିକାଶ ଓ ଜାଗୃତି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ୭୩୨୨ଟି ପରିବାରରେ ପ୍ରବାସୀ ଶ୍ରମିକଙ୍କ ଉପରେ ହୋଇଥିବା ସର୍ଭେ ଅନୁଯାୟୀ ଶତକଡା ବାଇଶ ପ୍ରତିଶତ (୨୨%) ପରିବାରର ଏକ ରୁ ଅଧିକ ସଦସ୍ୟ ରାଜ୍ୟ ବାହାରେ ପ୍ରବାସୀ ଶ୍ରମିକ ଭାବରେ କାମ କରୁଛନ୍ତି । ଗତ ଦଶବର୍ଷ ମଧ୍ୟରେ ପ୍ରବାସ ଗମନ ହାର ୨୩% ରହିଛି । ଏହି ପ୍ରବାସୀ ପରିବାରଙ୍କ ମଧ୍ୟରୁ ୬୬%ଅନୁସୂଚିତ ଜନଜାତି (ST), ୨୭% ଅନୁସୂଚିତ ଜାତି(SC) ଏବଂ ୧୯%ଅନ୍ୟାନ୍ୟ ପଛୁଆ ବର୍ଗ(OBC)ର ଅଟନ୍ତି ।

**ବିବରଣୀ/ଫଟୋ : ସୁଲୋଚନା ପ୍ରଧାନ**

## ନିରାପଦ ଓ ମର୍ଯ୍ୟାଦାଜନକ ପ୍ରବାସ - ନବନିର୍ବାଚିତ ଜନପ୍ରତିନିଧିଙ୍କୁ ନେଇ ଆଲୋଚନାଚକ୍ର



ନିରାପଦ ଓ ମର୍ଯ୍ୟାଦାଜନକ ପ୍ରବାସ ତଥା ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ ସମ୍ପର୍କିତ ବିଷୟ ଉପରେ ନବନିର୍ବାଚିତ ଜନପ୍ରତିନିଧିଙ୍କୁ ନେଇ ଆଲୋଚନାଚକ୍ର ।କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଜାଗୃତି ସଭାଗୃହରେ ତା ୦୨.୦୬.୨୦୨୨ ରିଖରେ ନବନିର୍ବାଚିତ ସରପଞ୍ଚମାନଙ୍କୁ ନେଇ ନିରାପଦ ଓ ମର୍ଯ୍ୟାଦାଜନକ ପ୍ରବାସ ତଥା ଅପପୁଷ୍ଟି , ଶିଶୁ ଓ ମାତୃ ମୃତ୍ୟୁ, ବାଲ୍ୟ ବିବାହ ଆଦି ବିଭିନ୍ନ ସାମାଜିକ ସମସ୍ୟାର ସମାଧାନ ସମ୍ପର୍କିତ ଏକ ଆଲୋଚନାଚକ୍ର ଜାଗୃତି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବନିର୍ବାଚିତ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ଦଶଟି ଗ୍ରାମପଞ୍ଚାୟତରେ ଇସାଫ(ESAF)ର ଆର୍ଥିକ ସହାୟତା ତଥା ଗ୍ରାମବିକାଶ ଓ ଜାଗୃତି ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ୭୩୨୨ଟି ପରିବାରରେ ପ୍ରବାସୀ ଶ୍ରମିକଙ୍କ ଉପରେ ହୋଇଥିବା ସର୍ଭେ ଅନୁଯାୟୀ ଶତକଡା ବାଇଶ ପ୍ରତିଶତ (୨୨%) ପରିବାରର ଏକ ରୁ ଅଧିକ ସଦସ୍ୟ ରାଜ୍ୟ ବାହାରେ ପ୍ରବାସୀ ଶ୍ରମିକ ଭାବରେ କାମ କରୁଛନ୍ତି ।

ଅବଶିଷ୍ଟାଂଶ - ପୃଷ୍ଠା ୧୬ରେ



ଗତ ଦଶବର୍ଷ ମଧ୍ୟରେ ପ୍ରବାସ ଗ୍ମନ ହାର ୨୩% ରହିଛି । ଏହି ପ୍ରବାସୀ ପରିବାରଙ୍କ ମଧ୍ୟରୁ ୬୬%ଅନୁସୂଚିତ ଜନଜାତି (ST), ୨୭% ଅନୁସୂଚିତ ଜାତି(SC) ଏବଂ ୧୯%ଅନ୍ୟାନ୍ୟ ପଛୁଆ ବର୍ଗ(OBC)ର ଅଟନ୍ତି । ଏହି ଆଲୋଚନା ଚକ୍ରରେ ଗ୍ରାମବିକାଶ ଜିଲ୍ଲା ପରିଚାଳକ ଯୋବିନ୍ ଚାକୋ ନିରାପଦ ଓ ମର୍ଯ୍ୟାଦାଜନକ ପ୍ରବାସ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ ତଥା ବନ୍ଧୁ ହେଲ୍ପ ଲାଇନ ଓ ଶ୍ରମିକ ବନ୍ଧୁ ସେବାକେନ୍ଦ୍ର ଉପରେ ଧାରଣା ପ୍ରଦାନ କରିଥିଲେ । ପ୍ରତି ପଞ୍ଚାୟତରେ ଶ୍ରମିକ ପଞ୍ଜିକରଣକୁ କଡାକଡ଼ି କରିବା, ଶ୍ରମିକ ମାନଙ୍କର ଜୀବନ ବୀମା ଓ ଶ୍ରମିକମାନେ କାମ କରୁଥିବା କମ୍ପାନୀଗୁଡିକ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ମତପ୍ରକାଶ ପାଇଥିଲା । ସିଡ଼ିପିଓ ଅଞ୍ଜଳି ମହାପାତ୍ର ଅପପୃଷ୍ଟି, ଶିଶୁ ଓ ମାତୃ ମୃତ୍ୟୁ, ବାଲ୍ୟ ବିବାହ ଆଦି ସମସ୍ୟା ତଥା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜାଗୃତି ଅନୁଷ୍ଠାନର ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ପରିଚାଳନା କରିଥିବା । ବ୍ଲକ ଉପାଧକ୍ଷା ସସ୍ମିତା ପ୍ରଧାନ ତଥା ଦାରିଙ୍ଗବାଡି, ସିଆଙ୍ଗବାଲି,ଦନେକବାଡି, ଭ୍ରମରବାଡି, ପର୍ତ୍ତମାହା, ଦାଂସିବାଡି, ହାତିମୁଣ୍ଡା, ତାଜୁଙ୍ଗିଆ, ବାଡାବାଙ୍ଗା, କିରିକୁଟି, ତିଲେଶରୀ, ବୁଡାଗୁଡା, ଶ୍ରାମନିକେତା ଏବଂ ପ୍ଲିହେରି ଆଦି ପଞ୍ଚାୟତର ସରପଞ୍ଚମାନେ ଆଲୋଚନାରେ ଅଂଶଗ୍ରଗଣ କରିଥିଲେ ।




**ବିବରଣୀ/ଫଟୋ : କବୀର ରାଣା**

# ନବନିର୍ବାଚିତ ପଞ୍ଚାୟତରାଜ ଅନୁଷ୍ଠାନର ଜନପ୍ରତିନିଧୀଙ୍କୁ ସମ୍ବର୍ଦ୍ଧନା



ଗଣତାନ୍ତ୍ରିକ ବ୍ୟବସ୍ଥାରେ ତ୍ରୀସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାର ନିର୍ବାଚିତ ଜନପ୍ରତିନିଧି ପଞ୍ଚାୟତ ଅଧିନସ୍ଥ ଗ୍ରାମ ଓ ଅଧିବାସୀଙ୍କର ଆବଶ୍ୟକତାକୁ ପୂରଣ ପାଇଁ ବିଶେଷକରି ଗ୍ରାମପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନା କରିଥାନ୍ତି ।

ଗ୍ରାମବିକାଶ କାର୍ଯ୍ୟପରିସର ଅନ୍ତର୍ଭୁକ୍ତ ଓଡିଶାର ସୁନ୍ଦରଗଡ, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ ଓ କେଉଁଝର ଆଦି ୬ଟି ଜିଲ୍ଲାର ୩୩ଟି ଗ୍ରାମପଞ୍ଚାୟତରେ ନବନିର୍ବାଚିତ ଜନପ୍ରତିନିଧୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ତ୍ରୀସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ଥିବା ୱାର୍ଡମେମ୍ବର ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ଜିଲ୍ଲାପରିଷଦ ସଦସ୍ୟଙ୍କ କାର୍ଯ୍ୟଦକ୍ଷତା ଓ ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜନ କରାଯାଉଛି । ଗ୍ରାମବିକାଶ ଓ ଗ୍ରାମପଞ୍ଚାୟତ ମିଳିତ ସମନ୍ୱୟରେ ବିକାଶ ପ୍ରକ୍ରିୟାକୁ ଆଗେଇନେବା ସହିତ ପଞ୍ଚାୟତଗୁଡିକୁ ଆଦର୍ଶ ପଞ୍ଚାୟତ କରିବା ପାଇଁ ଜନପ୍ରତିନିଧୀମାନେ ଜୋର ଦେଇଛନ୍ତି । ଗ୍ରାମସ୍ତରରେ ଥିବା ଆବଶ୍ୟକତାକୁ ଆଖିଆଗରେ ରଖି ଲୋକମାନଙ୍କ ସହଭାଗିତାରେ ଯୋଜନା ପ୍ରସ୍ତୁତ କରିବା ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାରେ ସାମିଲ ହେବା ତଥା ସଫଳ ରୂପାୟନ କରିବାରେ ଥିବା ଭୂମିକାକୁ ଏହି ଉତ୍ସବ ମାଧମରେ ପ୍ରୋତ୍ସାହିତ କରାଯାଇଛି ।

ଅବଶିଷ୍ଟାଂଶ - ପୃଷ୍ଠା ୧୮ ରେ







ଗ୍ରାମପଞ୍ଚାୟତକୁ ସ୍ଥାନୀୟ ଶାସନ ସଂସ୍ଥା କୁହାଯାଏ । ଏହା ପଞ୍ଚାୟତରାଜ ବ୍ୟବସ୍ଥାର ମୌଳିକ ଅନୁଷ୍ଠାନ । ଏହା ସରକାରର ତୃତୀୟ ସ୍ତର ଯାହାର ଲକ୍ଷ୍ୟ ହେଉଛି ସ୍ଥାନୀୟ ଅଞ୍ଚଳର ଉନ୍ନତି ଓ ନ୍ୟାୟ ପ୍ରଦାନ ଏବଂ ଏହା କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ବିଶେଷ ଭାବରେ କାର୍ଯ୍ୟକରେ । ଏହା ସର୍ବଶ୍ରେଷ୍ଠ ଶାସନ ବୋଲି କୁହାଯାଏ, କାରଣ ଏହାର ସ୍ଥାନୀୟ ଲୋକମାନଙ୍କ ସହିତ ନିବିଡ ସମ୍ପର୍କ ଥାଏ । ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଉପଯୁକ୍ତ ସ୍ଥାନ ଯୋଗାଏ ଓ ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉପଯୁକ୍ତ ସମାଧାନର ପନ୍ଥା ମଧ ବାହାର କରେ । ସ୍ଥାନୀୟ ସରକାର ପ୍ରକୃତ ପକ୍ଷେ ସ୍ଥାନୀୟ ଲୋକଙ୍କର, ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଓ ସ୍ଥାନୀୟ ଲୋକମାନଙ୍କ ପାଇଁ ସରକାର । ଗ୍ରାମବିକାଶ ଓଡିଶାର ଗ୍ରାମାଞ୍ଚଳରେ ୧୯୭୯ ମସିହାରୁ ଗ୍ରାମୀଣ ଲୋକମାନଙ୍କ ସହଭାଗିତାରେ ବିକାଶଧାରାକୁ ଆଗେଇନେବା ପାଇଁ ଓ ସମାଜରେ ସମାନତା ଆଣିବା ଦିଗରେ କାର୍ଯ୍ୟକରିଆସୁଛି ।

**ଫଟୋ: ପ୍ରଶାନ୍ତ ନାୟକ, ବେବିକାନନ୍ଦ ପ୍ରଧାନ, ଗୌରବ ମହାପାତ୍ର, ବିଜୟ ସାହୁ, ବୁଦ୍ଧଦେବ ଦୀପ୍**

## ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପାନୀୟଜଳ ସମସ୍ୟା ଦୂର ହେଲା



ଛାତ୍ରଛାତ୍ରୀମାନେ ହାତଧୋଇବାର ସୁବିଧା ପାଇବା ସହିତ ସ୍ୱଚ୍ଛତା ଦିଗରେ ବ୍ୟବହାରିକ ପରିବର୍ତ୍ତନ ଆଣିପାରିଛନ୍ତି । କନ୍ଧ ଡେଙ୍ଗାସର୍ଗି ଗ୍ରାମ୍ୟ ଜଳ ଓ ପରିମଳ କମିଟିର ସଭାନେତ୍ରୀ ଟୁନି କୁଟୃକା କୁହନ୍ତି " ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ହେଉଥିବା ପାନୀୟଜଳ ସମସ୍ୟା ଦୂରହୋଇଛି । ପୂର୍ବରୁ ପାଣି ପାଇଁ ବହୁତ ଅସୁବିଧା ହେଉଥିଲା । ଏବେ ପାନୀୟ ଜଳ ସହିତ ପିଲାଙ୍କ ମଧରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଭଲଭାବେ ହାତ ଧୋଇବାରେ ସୁବିଧା ହେଲା । ଏହା ସହିତ ଗାଁର ପ୍ରତ୍ୟେକ ପରିବାରର ପାଇଖାନା, ଗାଧୁଆଘର ଓ ରୋଷେଇଘରକୁ ପାଇପ ମାଧମରେ ଜଳ ପହଞ୍ଚିବାରୁ ବହୁଦିନର ଜଳ ସମସ୍ୟା ସମାଧାନ ହୋଇପାରିଛି ।"

ଅବଶିଷ୍ଟାଂଶ - ପୃଷ୍ଠା ୧୯ ରେ





ବ୍ଲକ ଓ ଡୁମୁରିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ କନ୍ଧ ଡେଙ୍ଗାସର୍ଗି ଗ୍ରାମରେ ୬୦ଟି ଆଦିବାସୀ ଜନଜାତି ପରିବାର ବାସ କରନ୍ତି । ଗ୍ରାମରେ ପାନୀୟ ଜଳର ଘୋର ସମସ୍ୟା ଥିଲା । ପୂର୍ବରୁ ନଦୀ ଜଳକୁ ପିଇବା ଓ ଗାଧୋଇବା ପାଇଁ ବ୍ୟବହାର କରୁଥିଲେ । ନଳକୂପ ଥିଲେ ମଧ ଭଲ ପାଣି ବାହାରୁନଥିଲା ଓ ଅଧିକାଂଶ ସମୟ ଅଚଳ ରହୁଥିଲା । ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନଳକୂପ ଥିଲେ ମଧ ସଠିକ କାମ କରୁନଥିଲା, ବନ୍ଦ ଥିଲା । ୨୦୧୬-୧୭ ମସିହାରେ ସ୍ୱଚ୍ଛ ଭରତ ମିଶନ୍ ଅଧୀନରେ ଓ ଗ୍ରାମବିକାଶ ସହଯୋଗରେ ତଥା ଗ୍ରାମବାସୀଙ୍କ ମିଳିତ ସହଭାଗିତାରେ ପାଇଖାନା ଓ ଗାଧୁଆଘର ନିର୍ମାଣ କାମ ଶେଷ ହୋଇଥିଲା । ୨୦୨୦-୨୧ ବର୍ଷରେ ଚାରୀଟି: ୱାଟର ଆର୍ଥିକ ସହାୟତା, ଗ୍ରାମବିକାଶ ସହଯୋଗ ତଥା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ପାଣିଟାଙ୍କି ନିର୍ମାଣ ସହିତ ପାନୀୟ ଜଳଯୋଗାଣ ବ୍ୟବସ୍ଥା ପୂର୍ଣ୍ଣାଙ୍ଗ କରାଯାଇ ସମସ୍ତ ପରିବାରର ପାଇଖାନା, ଗାଧୁଆଘର ଓ ରୋଷେଇଘରକୁ ପାଇପ ମାଧମରେ ଜଳ ଯୋଗାଣ ସହିତ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରକୁ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି । ସୁରେଶ କୁଟ୍ରକା (ସମ୍ପାଦକ, ଗ୍ରାମ୍ୟ ଜଳ ଓ ପରିମଳ କମିଟି , କନ୍ଧ ଡେଙ୍ଗାସର୍ଗି) କୁହନ୍ତି " ଏହି ପାନୀୟ ଜଳଯୋଗାଣ ବ୍ୟବସ୍ଥା ଦ୍ୱାରା ଆମ ଗ୍ରାମର ୩୪୦ ଲୋକ ଉପକୃତ ହେବା ସହିତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ୭୫ରୁ ଊର୍ଦ୍ଧ୍ୱ ପିଲା ମଧ ଉପକୃତ ହେଉଛନ୍ତି ।

**ବିବରଣୀ ଓ ଫଟୋ : ପର୍ଶୁରାମ ପାଲ୍ଲୀ**

# ପୋଖରୀ ଖନନ କାର୍ଯ୍ୟ ଗାଁ ଲୋକଙ୍କ ଜୀବିକା ଉନ୍ନତିରେ ସହାୟକ ହେବ



ଗ୍ରାମବାସୀଙ୍କ ଗାଧୋଇବା, ଗୃହପାଳିତ ପଶୁଙ୍କ ପାଇଁ ପାନୀୟ ଓ ଅନ୍ୟାନ୍ୟ ବ୍ୟବହାରରେ ଆସିବା ସହିତ ପୋଖରୀ ଚତୁର୍ପାର୍ଶ୍ୱ ଚାଷଜମିକୁ ଆବଶ୍ୟକ ସମୟରେ ଜଳସେଚନ ହୋଇପାରିବ । ଯୋଜନା ବାବଦରେ ସଚେତନତା ଓ ଉଦ୍ୟମ ଦ୍ୱାରା ଚିନ୍ଦାଗୁଡା ଗାଁ ଲୋକେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଅଧୀନରେ ୫ ଏକର ପରିମିତ ପୋଖରୀ ଖନନ କାର୍ଯ୍ୟ କଲେ । ଗ୍ରାମର ୯୭ଜଣ ଜବକାର୍ଡଧାରୀ କାମ ପାଇଲେ । ଗ୍ରାମ୍ୟ କମିଟି ଓ ଗ୍ରାମବିକାଶ ମିଳିତ ଉଦ୍ୟମରେ ତଥା ଗ୍ରାମପଞ୍ଚାୟତର ସହଯୋଗରେ ଏହି କାମ ସମ୍ଭବ ହୋଇପାରିଲା ।

ବଲାଙ୍ଗୀର ଜିଲ୍ଲା ବଙ୍ଗମୁଣ୍ଡା ବ୍ଲକ ଚାନ୍ଦୁତୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବନପାହାଡ ଘେରା ଏକ ଗାଁ ହେଉଛି ଚିନ୍ଦାଗୁଡା । ଆଦିବାସୀ ଜନଜାତି ଓ ସାଧାରଣ ବର୍ଗର ମୋଟ ୧୬୦ଟି ପରିବାର ଏହି ଗାଁରେ ବାସ କରନ୍ତି । ଗାଁର ଅଧିକାଂଶ ଲୋକଙ୍କ ମୁଖ୍ୟ ଜୀବିକା କୃଷି ଓ ଦିନମଜୁରି । ଗାଁରେ ୪ଟି ନଳକୂପ ଓ ଗୋଟିଏ ପୋଖରୀ ଅଛି । ଏଥିମଧ୍ୟରୁ ୨ଟି ନଳକୂପର ଜଳ ବ୍ୟାକ୍ଟେରିଆ ଓ ଆଇରନ ଯୁକ୍ତ ହୋଇଥିବା ବେଳେ ଖରାଦିନେ ପ୍ରାୟତଃ ସମସ୍ତ ନଳକୂପ ଯଥେଷ୍ଟ ପାଣି ଯୋଗାଇନଥାଏ । ଗ୍ରାମର ସମସ୍ତ ଲୋକମାନେ ଗୋଟିଏ ପୋଖରୀରେ ଗାଧୋଇବା ତଥା ଗାଈ,ଗୋରୁ , ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁମାନଙ୍କ ପାଇଁ ବ୍ୟବହାର କରିଥାନ୍ତି । ଖରାଦିନେ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

ଅବଶିଷ୍ଟାଂଶ - ପୃଷ୍ଠା ୨୧ ରେ



ଚିନ୍ଦାଗୁଡା ଗ୍ରାମରେ ତା ୨୨.୦୫.୨୦୨୨ ରିଖରେ ଗ୍ରାମବାସୀ, ଗ୍ରାମ କମିଟି ଏବଂ ଗ୍ରାମବିକାଶ ଏଚଆରଡ଼ିପି (HRDP)ପ୍ରକଳ୍ପର କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଗ୍ରାମର ମଶାଣିମୁଣ୍ଡା ପୋଖରୀର ପୁନଃରୁଦ୍ଧାର ଓ ଅଧିକ ଖନନ ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ଉପସ୍ଥିତ ଗ୍ରାମବିକାଶ ଏଚଆରଡ଼ିପି ପ୍ରକଳ୍ପ ନିର୍ଦ୍ଦେଶକ ଓ ଉପସ୍ଥିତ କ୍ଷେତ୍ରକର୍ମୀ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ବାବଦରେ ବିସ୍ତୃତ ଆଲୋଚନା କରିବା ସହିତ ଏହି ଯୋଜନା ଅଧୀନରେ ପୋଖରୀ ଖନନ କାମ କରିବା ପାଇଁ ପଦକ୍ଷେପ ନେବା ବିଷୟରେ ଆଲୋଚନା କରିଥିଲେ । ଗାଁ ଲୋକେ କାମ ପାଇପାରିବେ, ପୋଖରୀର ଜଳଧାରଣ କ୍ଷମତା ବଢିବ, ଫଳରେ ଗାଧୋଇବା, ଗୃହପାଳିତ ପଶୁଙ୍କ ପାଇଁ ବ୍ୟବହାର କରିବା ଏବଂ ପାରିପାର୍ଶ୍ୱିକ ଚାଷ ଜମିରେ ଜଳସେଚନର ସୁବିଧା ହୋଇ ଜୀବିକାରେ ଉନ୍ନତି ଆସିପାରିବ ବୋଲି ଆଲୋଚନା ହୋଇଥିଲା । ପରବର୍ତ୍ତୀ ସମୟରେ ଗ୍ରାମବାସୀ ବୈଠକ କରି ଗ୍ରାମପଞ୍ଚାୟତର ସରପଞ୍ଚ ଓ ଜିଆରଏସ ଙ୍କ ସହିତ ଯୋଗାଯୋଗ କରି ଏମଜିଏନଆରଇଜିଏସ ଅଧୀନରେ ପୋଖରୀ ଖନନ କାମ ପାଇଁ ଅନୁରୋଧ କରିଥିଲେ । ଯାହାର ଫଳ ସ୍ୱରୂପ ଦଶଲକ୍ଷ ଟଙ୍କାର କାର୍ଯ୍ୟ ଯୋଜନା ମଞ୍ଜୁର ହେଲା । ଚଳିତମାସ ପ୍ରଥମ ସପ୍ତାହରୁ ପୋଖରୀ ଖନନ କାର୍ଯ୍ୟ ଚାଲୁଅଛି । ଏହି କାମ ହେବା ଦ୍ୱାରା ୯୭ ଜଣ ଲୋକ କର୍ମନିଯୁକ୍ତିର ସୁଯୋଗ ପାଇଲେ । ଗ୍ରାମର ୭୦୦ ରୁ ଉର୍ଦ୍ଧ୍ୱ ଲୋକେ ଏହି ପୋଖରୀରୁ ଉପକୃତ ହେବେ । ୨୫ ଏକର ପାଖାପାଖି ଚାଷଜମି ଆବଶ୍ୟକସ୍ଥଳେ ଜଳସେଚିତ ହୋଇପାରିବ ।

ଗ୍ରାମର ପୀତାମ୍ବର ବେହେରା କୁହନ୍ତି " ଏହି ପୋଖରୀ ଖୋଳା କାମରେ ମୁଁ ନିୟୋଜିତ ହୋଇ ଦୈନିକ ୨୨୨/- ଟଙ୍କା ମଜୁରି ପାଉଛି । ଏହି ପୋଖରୀ ନିକଟରେ ମୋର ଚାଷ ଜମି ଅଛି । ପୂର୍ବରୁ ବେଳେ ବେଳେ ଜଳାଭାବରୁ ମରୁଡି ସ୍ଥିତିକୁ ସାମନା କରିଥାଉ । ଏବେ ଏହି ପୋଖରୀର ପାଣି ଆବଶ୍ୟକ ବେଳେ ଜମିକୁ ଜଳସେଚନ କରିପାରିବୁ ।" ଚିତ୍ରା ସେନ୍ତାଳି କୁହନ୍ତି " ମୋର ଅଭାବ ସମୟରେ କାମ ପାଇଲି । ବର୍ଷାଦିନେ ଅଧିକ ପାଣି ଏ ପୋଖାରୀରେ ରହିବ । ଆମର ଗାଧୋଇବା ପାଇଁ ସୁବିଧା ହେବା ସହିତ ମୋ ଚାଷ ଜମିକୁ ମଧ ପାଣି ନେଇପାରିବି ।

**ବିବରଣୀ /ଫଟୋ: ଜ୍ୟୋସ୍ନାମୟୀ ପ୍ରଧାନ**

# ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କର ଦକ୍ଷତା ବୃଦ୍ଧି ତାଲିମ ଶିବିର





ନେତୃତ୍ୱ ବିକାଶରେ ଉନ୍ନତି ଆଣି ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଉନ୍ନତି ସହିତ ଗ୍ରାମ୍ୟ ଅନୁଷ୍ଠାନରେ ପ୍ରମୁଖ ଅଂଶଗ୍ରହଣ କରି ଗ୍ରାମର ସାମଗ୍ରିକ ଉନ୍ନତିରେ ସାମିଲ ହେବାକୁ ଉତ୍ସାହିତ କରିବା ଓ ଦକ୍ଷତା ବୃଦ୍ଧି କରିବା । ୩୫ଟି ପ୍ରଶିକ୍ଷଣ ଶିବିର ଜାରିଆରେ ୧୦୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୧୨୨୫ ଜଣ ସଦସ୍ୟା ତାଲିମ ନେଇ ନିଜର ଦକ୍ଷତା ବିକାଶର ସୁଯୋଗ ପାଇଲେ ।

ଏଚଡ଼ିଏଫସି ବ୍ୟାଙ୍କ ପରିବର୍ତ୍ତନ ଆର୍ଥିକ ସହାୟତା ତଥା ଗ୍ରାମବିକାଶ ଆନୁକୂଲ୍ୟରେ ବଲାଙ୍ଗିର ଜିଲ୍ଲାର ଚାରୋଟି ବ୍ଲକ(ବଲାଙ୍ଗିର, ଦେଓଗାଁ,ଲୋଇସିଂହା, ବଙ୍ଗମୁଣ୍ଡା) ଅନ୍ତର୍ଗତ ୧୫ଟି ଗ୍ରାମପଞ୍ଚାୟତର ୨୦ଟି ଗ୍ରାମରେ ଗୋଷ୍ଠୀ ସମୁଦାୟର ସହଭାଗିତାରେ ସାମଗ୍ରିକ ଗ୍ରାମୀଣ ବିକାଶ ପରିଯୋଜନା କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରୋତ୍ସାହିତ କରି ସାମାଜିକ, ଆର୍ଥିକ ଉନ୍ନତି ସହିତ ବ୍ୟକ୍ତିଗତ ଓ ସାମଗ୍ରିକ ଉନ୍ନତି ପାଇଁ ୩୫ଟି ପ୍ରଶିକ୍ଷଣ ଶିବିର ଚଳିତ ବର୍ଷ ମାର୍ଚ୍ଚ ଓ ଏପ୍ରିଲ ମାସରେ କରାଯାଇଛି । କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମଗୁଡିକରୁ ୧୨୨୫ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରି ଉପକୃତ ହୋଇଛନ୍ତି । ପରିଯୋଜନା ଅନ୍ତର୍ଗତ ଗ୍ରାମଗୁଡିକର ତାଲିମ ନେଇଥିବା ଅଂଶଗ୍ରଣକାରୀ ଏସଏଚଜି ଦଳମାନେ ଆର୍ଥିକ ବିକାଶ ପାଇଁ ବିଭିନ୍ନ ପ୍ରଶିକ୍ଷଣ ନେବାକୁ ଆଗ୍ରହ ପ୍ରକାଶ କରିଥିଲେ । ଏହାକୁ ଆଖିଆଗରେ ରଖି ଛତୁଚାଷ ଓ କୁକୁଡା ଚାଷ ଉପରେ ଆଗ୍ରହୀ ଏସଏଚଜି ମାନଙ୍କୁ ୨ଟି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଛି ଓ ଆଗାମୀ ଦିନରେ ଅନ୍ୟ ଆଗ୍ରହୀ ଦଳଗୁଡିକୁ ପ୍ରଶିକ୍ଷଣ ପ୍ରଦାନ କରାଯିବାର ଯୋଜନା ରହିଛି ।

**ବିବରଣୀ : ରୋଶି ସୋନି**




**ଫଟୋ : ଜ୍ୟୋତ୍ସ୍ନାମୟୀ ପ୍ରଧାନ**

# ହାତ ତିଆରି ସାବୁନ ନିଜର ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସହାୟକ ହେଉଛି



ନିଜ ହାତ ତିଆରି ସାବୁନ କୋଭିଡ୍-୧୯ ମହାମାରୀ ସମୟରେ କୋରୋନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ତଥା ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସହାୟକ ହୋଇଛି । ଏହା ସହିତ ମହିଳା ମାନେ ଆର୍ଥିକ ଲାଭବାନ ମଧ ହେଉଛନ୍ତି । ଗଜପତି ଜିଲ୍ଲା, ରାୟଗଡା ବ୍ଲକ, କଇଁପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅର୍ଶୀଲିଙ୍ଗ ଗ୍ରାମର ମହିଳା ସ୍ୱୟଂ ସହାୟିକା ଦଳର ସଦସ୍ୟା ରୂପି ଶବର କୁହନ୍ତି " ଆମ ଗ୍ରାମରେ ତିନୋଟି ମହିଳା ସ୍ୱୟଂ ସହାୟିକା ଦଳ (ମା ଠାକୁରାଣୀ, ମହେଶ୍ୱରୀ, ନାରୀଶକ୍ତି)ମିଶି "ମା ଜଗତ ଜନନୀ ମହିଳା ମହାସଂଘ" ୨୦୧୫-୧୬ ମସିହାରେ ଗଠନ କରିଛୁ । ଆମେ କେବଳ ଆର୍ଥିକ ନେଣଦେଣରେ ସୀମିତ ଥିଲୁ । ଗ୍ରାମ ବିକାଶ କର୍ମୀଙ୍କ ପରାମର୍ଶରେ ଦଳର ଆର୍ଥିକ ବିକାଶ ପାଇଁ ସାବୁନ ତିଆରି କରିବାକୁ ନିସ୍ପତି ନେଲୁ । ଆମକୁ ବୈଷୟିକ ତାଲିମ ଗ୍ରାମବିକାଶ କର୍ମୀ ପ୍ରଦାନ କରିଥିଲେ । ଆମେ ସମସ୍ତେ ଆମ ଆଞ୍ଚଳିକ ସ୍ତରରେ ଉପଲବ୍ଧ ମହୁଆ ତେଲ, କରଞ୍ଜ ତେଲ ଆଦି କଞ୍ଚାମାଲ ଓ ବାହାର ବଜାରରୁ ଆବଶ୍ୟକୀୟ କଞ୍ଚାମାଲ ଆଣି ସାବୁନ ତିଆରି ଆରମ୍ଭ କଲୁ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡ଼ିଆରଡ଼ିଏ) ଆର୍ଥିକ ସହାୟତାରେ ଗୋଦାମ ଗୃହ ନିର୍ମାଣ କଲୁ ।

ସେହିଠାରେ ସାବୁନ ତିଆରି କରୁଛୁ । ତିଆରି କରିଥିବା ସାବୁନକୁ ନିକଟସ୍ଥ (କଇଁପୁର,ଲକ୍ଷ୍ମୀପୁର, ଜିରାଙ୍ଗ ଆଦି)ସାପ୍ତାହିକ ହାଟ, ଆଖପାଖ ବିଦ୍ୟାଳୟ, ତେଜରାତି ଦୋକାନ ଆଦିରେ ବିକ୍ରୟ କରୁ । ଦଳର ସଦସ୍ୟା ମାନଙ୍କ ଭିତରେ ସାବନ ତିଆରି କରିବା ଓ ବିକ୍ରୟ କରିବା ପାଇଁ ଦାୟିତ୍ୱ ବଣ୍ଟନ ହୋଇଥାଏ । ମୁଁ ବାହାରକୁ ଯାଇ ସାବୁନ ବିକ୍ରୟ ପାଇଁ ଦାୟିତ୍ୱ ନେଇଛି । ମୋତେ ଗୋଟିଏ ସାବୁନର ବିକ୍ରୟ ଲାଭାଂଶରୁ ଏକ ଟଙ୍କା ମିଳିଥାଏ । ଅବଶିଷ୍ଟ ଲାଭ ମହାସଂଘ ପାଣ୍ଠିରେ ଜମା ହୁଏ । ସାବୁନ ବିକ୍ରୟ କରି ମିଳୁଥିବା ଅର୍ଥରେ ୯ମ ଓ ୬ଷ୍ଠ ଶ୍ରେଣୀରେ ପଢୁଥିବା ମୋର ଦୁଇ ପୁଅଙ୍କ ପାଇଁ ବହି, ଖାତା, କଲମ କିଣି ପାରୁଛି ଏବଂ ଘରର କିଛି ଖର୍ଚ୍ଚ ମେଣ୍ଟାଇ ପାରୁଛି । ଗୋଟିଏ ସାବୁନ ତିଆରିରେ ଖର୍ଚ୍ଚ ଟ.୬/- ରୁ ୭/- ଟଙ୍କା ହୋଇଥାଏ । ବଜାରରେ ଟ.୧୦/-(ଦଶ ଟାଙ୍କ)ରେ ଗୋଟିଏ ସାବୁନ ବିକ୍ରୟ ହୁଏ । ସପ୍ତାହକୁ ୪୦୦ ରୁ ୫୦୦ ସାବୁନ ତିଆରି କରୁଛୁ । ଯେଉଁଥିରେ ଆମକୁ ସପ୍ତାହକୁ ଟ.୧୨୦୦/- ରୁ ୧୫୦୦/- ଟଙ୍କା ଲାଭ ମିଳିଥାଏ ।"

ଅବଶିଷ୍ଟାଂଶ - ପୃଷ୍ଠା ୨୪ ରେ



ମହାସଂଘର ସଭାନେତ୍ରୀ ମାଳତି ଭୂୟାଁ କୁହନ୍ତି " କୋରୋନା ମହାମାରୀ ସମୟରେ ଆମ ଗ୍ରାମର ପ୍ରତ୍ୟେକ ପରିବାରରେ ଆମ ହାତ ତିଆରି ସାବୁନ ଥିଲା । କାରଣ ଅଧିକାଂଶ ପରିବାରର ମହିଳା ଆମ ମହାସଂଘର ସଦସ୍ୟା । କୋରନା ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ପରିବାରର ସମସ୍ତ ସଦସ୍ୟ ନିୟମିତ ସାବୁନରେ ହାତ ଧୋଉଥିଲୁ । ଆମ ଆଖପାଖ ଗାଁର ଲୋକମାନେ ମଧ୍ୟ ଆସି ସାବୁନ ନେଉଥିଲେ । ଏବେ ଆମ ଗାଁ ଲୋକମାନଙ୍କର ସାବୁନରେ ହାତଧୋଇବା ଅଭ୍ୟାସ ବଢିଛି । ବ୍ୟକ୍ତିହତ ସ୍ୱଚ୍ଛତା ସହିତ ସ୍ୱାସ୍ଥ୍ୟଗତ ସୁରକ୍ଷା ପାଇଁ ସଚେତନ ଅଛନ୍ତି ।"ଦଳର ସଦସ୍ୟା ପାର୍ବତୀ ଶବର କୁହନ୍ତି " ସାବୁନ ଆମର ସ୍ୱାସ୍ଥ୍ୟ ସୁରକ୍ଷାରେ ସହାୟକ ହେବା ସହିତ ଆର୍ଥିକ ଉନ୍ନତିରେ ସହାୟକ ମଧ୍ୟ ହେଉଛି । ସରକାରୀ ସହାୟତା ସହିତ ଓରମାସ ତରଫରୁ ଜିଲ୍ଲା ସ୍ତରରେ ବିଭିନ୍ନ ମେଳାରେ ସାବୁନ ବିକ୍ରୟ କରିବା ପାଇଁ ସୁଯୋଗ ପାଇଛୁ ।"

**ବିବରଣୀ /ଫଟୋ: ବିଜୟ ପାଣିଗ୍ରାହୀ**




Gram Vikas

+91-674-2596366

www.gramvikas.org

Plot No. 72/B, Forest Park, Bhubaneshwar – 751009, Odisha, India

Gram Vikas Samachar | Gram Vikas Odisha | GramVikasIN | gramvikasodisha | Gram Vikas | (+91)9938092224 | gramvikasodisha